ଧରିତ୍ରୀ
DHARITRI
January 20-26, 2019 ₹ 2/-

# ଛୁଟିଦିନ




# ସ୍ୱାଧୀନତାର ସେଇଦିନ

ବୟସରେ
ସିନା ସେମାନେ
ସାନ ଥିଲେ କିନ୍ତୁ ତାଙ୍କ ସ୍ୱପ୍ନ ଥିଲା ଖୁବ୍ ବଡ଼।
ସେମାନେ ଦେଖୁଥିଲେ ଗୋଟିଏ ସ୍ୱପ୍ନ। ଦେଶ
ସ୍ୱାଧୀନ ହେବାର। କିଏ ବୁଝୁଥିଲେ ଆଉ କିଏ
ବୁଝୁ ନ ଥିଲେ। କିନ୍ତୁ ଅପେକ୍ଷା ଥିଲା
ଗୋଟିଏ ଦିନକୁ ...

୪ ପ୍ରଚ୍ଛଦ ପ୍ରସଙ୍ଗ
୮/୯ ସିନେମା
୧୩ ସହରଠୁ ଦୂର







# କ୍ଷମା କରିବା ଏକ କଳା

✲ ଛନ୍ଦ କପଟ, ବିଶ୍ୱାସଘାତକତା କରିଥିବା ବ୍ୟକ୍ତିଙ୍କ ବିଷୟରେ ଭାବି ମନ ଦୁଃଖ କରିବା ଅପେକ୍ଷା କ୍ଷମା ଦେଇ ଆଗକୁ ବଢନ୍ତୁ, ଯାହାଦ୍ୱାରା ଆପଣ ମାନସିକ ଅବସାଦରୁ ଦୂରେଇ ରହିପାରିବେ।

✲ ବାରମ୍ବାର ବିଶ୍ୱାସଘାତକତା କରୁଥିବା ବ୍ୟକ୍ତିଙ୍କ ସହ ସମସ୍ତ ସମ୍ପର୍କ ଛିନ୍ନ କରି ତାଙ୍କୁ କ୍ଷମା କରିଦିଅନ୍ତୁ।

✲ ଯଦି କୌଣସି ବ୍ୟକ୍ତି ନିଜ ଭୁଲ



ବୁଝି ଆପଣଙ୍କୁ କ୍ଷମା ପ୍ରାର୍ଥନା କରନ୍ତି ତେବେ ସେହି ବ୍ୟକ୍ତିଙ୍କୁ କ୍ଷମା କରିଦେବା ଆବଶ୍ୟକ।

✲ କ୍ଷତି ପହଞ୍ଚାଇଥିବା ବ୍ୟକ୍ତିଙ୍କ ଉପରେ ରାଗ ରଖି ତାଙ୍କଠାରୁ ପ୍ରତିଶୋଧ ନେବା ଅପେକ୍ଷା ତାଙ୍କୁ କ୍ଷମା କରିଦେବା ଶ୍ରେୟସ୍କର।

✲ବେଳେ ବେଳେ ନିଜ ଭୁଲ୍ ନ ଥିଲେ ମଧ୍ୟ ବହୁ ଦିନର ସଂପର୍କକୁ ଭାଙ୍ଗିବାକୁ ନ ଦେଇ ନିଜ ଆଡୁ କ୍ଷମା ପ୍ରାର୍ଥନା କରନ୍ତୁ ଏବଂ ବ୍ୟକ୍ତିଙ୍କୁ ମଧ୍ୟ କ୍ଷମା କରିଦିଅନ୍ତୁ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜାନୁୟାରୀ ୨୦-୨୬

### ମେଷ



କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ। ଘର ସାଜସଜ୍ଜାରେ ବ୍ୟସ୍ତତା। ବନ୍ଧୁଙ୍କ ସାହାଯ୍ୟ ମିଳିବ। ପାରିବାରିକ ସମସ୍ୟା ବୃଦ୍ଧି। ଭ୍ରମଣ ହେତୁକ ଅବସାଦ। ରୁଗ୍ଣ ସ୍ୱାସ୍ଥ୍ୟରେ ଉନ୍ନତି। ବକେୟା ପାଉଣା ପାଇବେ। ସହକର୍ମୀଙ୍କ ଅସହଯୋଗ।

### ବୃଷ




ମନୋବଳ ହ୍ରାସ ପାଇବ। କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବ। ବାଣିଜ୍ୟରେ ପ୍ରତିବନ୍ଧକ। ପଦୋନ୍ନତିର ସୂଚନା ମିଳିବ। ଧାର କରଜ କରିପାରନ୍ତି। କଳା ସାହିତ୍ୟରେ ପ୍ରଶଂସା। ବିବାଦର ସମାଧାନ ହୋଇଯିବ।

### ମିଥୁନ



ଲୋକସମ୍ପର୍କ ବୃଦ୍ଧି। ପାରିବାରିକ ଅଶାନ୍ତି। କର୍ମକ୍ଷେତ୍ରରେ ବିଶୃଙ୍ଖଳା। ସନ୍ତାନ ହେତୁକ ଦ୍ୱନ୍ଦ୍ୱ। ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ। ବନ୍ଧୁଙ୍କ ଆଚରଣରେ ସନ୍ଦେହ। ବିବାଦ ଜଟିଳ ହେବ। ପରିବହନରେ କ୍ଷତିର ଆଶଙ୍କା। ଆର୍ଥିକ ସହଯୋଗ ପାଇବେ।

### କର୍କଟ



ଅର୍ଥସଂକଟ ଦୂର ହେବ। କର୍ମକ୍ଷେତ୍ରରେ କଥା ରହିବ। ମାନସିକ ଶାନ୍ତି ପାଇବେ। ସ୍ୱାସ୍ଥ୍ୟରେ ଉନ୍ନତି। ଭ୍ରମଣଜନିତ କ୍ଳେଶ। ପଡୋଶୀଙ୍କ ସମ୍ପର୍କରେ ଉନ୍ନତି। ଶିକ୍ଷାରେ ସଫଳ ହୋଇପାରନ୍ତି।

### ସିଂହ



ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ମନୋରଞ୍ଜନରେ ଆଗ୍ରହ। ସ୍ତ୍ରୀଙ୍କ ପ୍ରେରଣାରୁ ଉତ୍ସାହ। ବ୍ୟୟାଧିକ୍ୟ ହୋଇପାରେ। ସ୍ନାୟୁରୋଗରୁ ପୀଡା। ନୂତନ ନିଯୁକ୍ତିର ସୁଯୋଗ। ଆନୁଷ୍ଠାନିକ କାମରେ ଦ୍ୱନ୍ଦ୍ୱ। ନୂଆଁ ବନ୍ଧୁ ଜୁଟିବେ।

### କନ୍ୟା



ସମ୍ପର୍କୀୟଙ୍କ ବୈରତା। ଯୋଗାଣ କାରବାରରେ ଉନ୍ନତି। ମାଙ୍ଗଳିକ କାମରୁ ଆନନ୍ଦ। ଭାବପ୍ରବଣତା ବୃଦ୍ଧି ପାଇବ। ଆର୍ଥିକ ସମସ୍ୟା ଲାଗିରହିବ। ବିଷାଦଗ୍ରସ୍ତ ହୋଇପାରନ୍ତି। କାର୍ଯ୍ୟରେ ସଫଳତା ମିଳିବ।

### ତୁଳା



ବନ୍ଧୁ ମିଳନ ଘଟିବ। ଭ୍ରମଣ ସୁଯୋଗରୁ ଆନନ୍ଦ। ବେପାରରେ ବିପଦ ଆଶଙ୍କା। ଯାତ୍ରାରେ କ୍ଳାନ୍ତିବୋଧ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ। ଧାର ସୂତ୍ରରେ ଅର୍ଥ ପାଇବେ। ସମସ୍ୟାର ମୁକାବିଲା କରିବେ। ଯାନବାହନରେ ସତର୍କତା ବିଧେୟ। କଳାପ୍ରିୟ ହେବେ।

### ବିଛା



ଲକ୍ଷ୍ୟ ହାସଲ କରିବେ। ଖୋଜୁଥିବା ଜିନିଷ ମିଳିବ। ବନ୍ଧୁଟି ଦୂରେଇ ରହିପାରନ୍ତି। କର୍ମକ୍ଷେତ୍ରରେ ପ୍ରତିଷ୍ଠା ଲାଭ। ନିର୍ମାଣାଧୀନ କାର୍ଯ୍ୟରେ ଦ୍ୱନ୍ଦ୍ୱ। ଯାତ୍ରା ସ୍ଥଗିତ ରହିପାରେ। ନିଃସଙ୍ଗତା ବୋଧ କରିପାରନ୍ତି।

### ଧନୁ



ସମାଲୋଚିତ ହେବେ। ବନ୍ଧୁଙ୍କୁ ଭେଟିପାରନ୍ତି। କାମକୁ ଅବହେଳା କରିବେ। ପାରିଶ୍ରମିକ କମ୍ ମିଳିବ। ସମସ୍ୟା ସମାଧାନ ହେବ। ମାନସିକ ସୁସ୍ଥତା ରହିବନି। ସଙ୍ଗଦୋଷରୁ ସମାଲୋଚନା। ସଭାସମିତିକୁ ଆହ୍ୱାନ।

### ମକର



ଯୋଜନା ବିଗିଡିଯିବ। ଖୋଜିବା ଜିନିଷ ପାଇବେନି। ବନ୍ଧୁ ସହଯୋଗ ପାଇବେ। ପାରିବାରିକ କଳହ। ସ୍ୱାସ୍ଥ୍ୟ ସମସ୍ୟାରୁ ଦୁଶ୍ଚିନ୍ତା। ଯାନ୍ତ୍ରିକ ଜିନିଷ କିଣିପାରନ୍ତି। ନିର୍ମାଣ ପୂର୍ଣ୍ଣାଙ୍ଗ ହେବ। ଯାତ୍ରାରୁ ସୁଫଳ ପାଇବେ। ନୂତନ ସମ୍ପର୍କ ସୃଷ୍ଟି।

### କୁମ୍ଭ



ମିତ୍ର ବନ୍ଧୁ ଜୁଟିବେ। ଶୁଭଖବର ପାଇବେ। ପରିବେଶ ପ୍ରତିକୂଳ ସାଜିପାରେ। ତର୍କ ଓ ବିବାଦ ବଢ଼ିବ। ଆଘାତ ପାଇପାରନ୍ତି। ସନ୍ତାନ ହେତୁକ ଗୌରବ। ଋଣ ପରିଶୋଧ କରିବେ। ପିତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି। ଧନହାନିରୁ ମନସ୍ତାପ। ଭୁଲ୍ ବୁଝାମଣାରୁ ଅଶାନ୍ତି।

### ମୀନ



ଅର୍ଥ ଓ ସମ୍ମାନ ପାଇବେ। ଆରୋଗ୍ୟଲାଭରୁ ଆଶ୍ୱସ୍ତି। ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା। ବୁଝାମଣାରୁ ସମସ୍ୟା ସମାଧାନ। ପ୍ରତ୍ୟୁଷ ଯାତ୍ରାରେ ସଫଳତା। ପ୍ରାପ୍ୟଧନରେ ବାଧା। ପ୍ରତୀକ୍ଷିତ ଖବରଟି ପାଇପାରନ୍ତି।

# ଲଙ୍କା ଖାଇବା ପ୍ରତିଯୋଗିତା



ଖେଳକୁଦ ପ୍ରତିଯୋଗିତା ବ୍ୟତୀତ ଅନେକ ସାଂସ୍କୃତିକ ପ୍ରତିଯୋଗିତା ବିଷୟରେ ଆପଣମାନେ ଅବଗତ ଥିବେ। ତେବେ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ପ୍ରତ୍ୟହ ଭିନ୍ନ ଭିନ୍ନ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ସେହିଭଳି ବିଗତ ୨ ବର୍ଷ ହେଲାଣି ଚାଇନାର ହୁନନ୍‌ଠାରେ ଅନୁଷ୍ଠିତ ହେଉଛି ଲଙ୍କା ଖାଇବା ପ୍ରତିଯୋଗିତା। ଶୁଣିବାକୁ ଅଜବ ଲାଗୁଥିଲେ ମଧ୍ୟ ଏହି ପ୍ରତିଯୋଗିତାରେ ଲୋକେ ଅଂଶଗ୍ରହଣ କରି ବିଜେତା ମଧ୍ୟ ହେଉଛନ୍ତି। ଏହି ପ୍ରତିଯୋଗିତା ଅନୁଯାୟୀ ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ୫୦ଟି ଲଙ୍କା ଖାଇବାକୁ ଦିଆଯାଇଥାଏ। ଗୋଟିଏ ମିନିଟ ଭିତରେ ଯେଉଁ ପ୍ରତିଯୋଗୀ ସର୍ବାଧିକ ସଂଖ୍ୟକ ଲଙ୍କା ଖାଇପାରିବେ ତାଙ୍କୁ ବିଜେତା ଘୋଷଣା କରାଯାଏ। ଗତବର୍ଷ 'ତାଙ୍ଗ' ନାମକ ଜଣେ ବ୍ୟକ୍ତି ସର୍ବାଧିକ ସଂଖ୍ୟକ ଲଙ୍କା ଖାଇ ଏହି ପ୍ରତିଯୋଗିତାର ବିଜେତା ହୋଇଥିଲେ ଏବଂ ତାଙ୍କୁ ପୁରସ୍କାର ସ୍ୱରୂପ ୩ଗ୍ରାମର ସ୍ୱର୍ଣ୍ଣ ମୁଦ୍ରା ପ୍ରଦାନ କରାଯାଇଥିଲା। ଦିନକୁ ଦିନ ଏହି ପ୍ରତିଯୋଗିତାର ଲୋକପ୍ରିୟତା ବଢୁଥିବାର ଲକ୍ଷ୍ୟ କରାଯାଉଛି।

# ପାଠକୀୟ

■ଧୀରେ ଧୀରେ ବିବାହକୁ ନେଇ ବଦଳିବାକୁ ଲାଗିଛି ଲୋକଙ୍କ ଚିନ୍ତାଧାରା। ବହୁ ଆଡ଼ମ୍ବର ପରିବର୍ତ୍ତେ କିଏ ବିବାହ ପାଇଁ ସଞ୍ଚିତ ଟଙ୍କା ଗରିବଙ୍କ ଲାଗି ଖର୍ଚ୍ଚ କରୁଛନ୍ତି ତ ଆଉ କିଏ ବଦଳାଉଛନ୍ତି ଏହା ସହ ଯୋଡ଼ି ହୋଇ ରହିଥିବା କିଛି ପରମ୍ପରା। କେହି କେହି ତ ବାଣ୍ଟୁଛନ୍ତି ସମାଜ ସଂସ୍କାରମୂଳକ ବାର୍ତ୍ତା। ଫଳରେ ବିବାହ ପାଲଟି ଯାଉଛି ଆଦର୍ଶ ବିବାହ। ଆଦର୍ଶ ବିବାହର ସେମିତି କେତୋଟି ଉଦାହରଣକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ମୋ ମନ କିଣିନେଲା। 'ଯୋଜନା ଏକ ଉତ୍ତମ ବର୍ଷର' ଏବଂ 'ଚିନି ଶିରାରେ କାରିଗରି' ଆଦି ପାଠଗୁଡ଼ିକରୁ ଅନେକ ନୂଆ କଥା ଜାଣିବାକୁ ମିଳିଲା।

*–ଶ୍ରୀ ରାମଚନ୍ଦ୍ର ଦାଶ, ବିଦ୍ୟାଧର ପୁର, ଗବକୁଣ୍ଡ, ପୁରୀ*

■ଆଜିକାଲି ବିବାହକୁ ନେଇ ଲୋକଙ୍କ ଭିତରେ ବଦଳିବାକୁ ଲାଗିଛି ଚିନ୍ତାଧାରା। ଏହାର ଖୁସିକୁ ସେମାନେ କେବଳ ବନ୍ଧୁବାନ୍ଧବଙ୍କ ମଧ୍ୟରେ ସୀମିତ ନ ରଖି ସମସ୍ତଙ୍କ ସହ ବାଣ୍ଟିବାକୁ ଚାହୁଁଛନ୍ତି। ସେଥିପାଇଁ ଆପଣାଉଛନ୍ତି ଏମିତି କିଛି ନିଆରା ପ୍ରଥା ଓ ପରମ୍ପରାକୁ, ଯଦ୍ୱାରା ସେମାନଙ୍କ ବିବାହ ପାଲଟିଯାଉଛି ଆଦର୍ଶ ବିବାହ। ସେମିତି କେତୋଟି ଆଦର୍ଶ ବିବାହ ସମ୍ପର୍କରେ ପଢିବାକୁ ମିଳିଥିଲା ଏଥର ଛୁଟିଦିନରେ, ଯାହାର ଉପସ୍ଥାପନାଶୈଳୀ ବେଶ୍ ଉଚ୍ଚକୋଟୀର ହୋଇଥିଲା। 'ଆନିମଲ୍ ଥିମ୍ ଜୁଏଲେରି' ପାଠଟି ଏକ ନୂଆ ଫ୍ୟାଶନ ଟ୍ରେଣ୍ଡ ସହ ପରିଚିତ ହେବାର ସୁଯୋଗ ଆଣିଦେଲା।

*–ବାବାଜୀ ଚରଣ ନାୟକ,*
*ମର୍ମାଦୁଲା, ଦଶରଥପୁର, ଭଦ୍ରକ*

■ବ୍ୟକ୍ତିତ୍ୱ ପୃଷ୍ଠାଟି ପଢ଼ିବାକୁ ମୋତେ ବହୁତ ଭଲ ଲାଗେ। ସେହିପରି ପ୍ରତିଥର ସୃଜନ ପୃଷ୍ଠାରେ ପ୍ରକାଶ ପାଉଥିବା ଗପଟିକୁ ପଢ଼ିବା ମୋର ନିତିଦିନିଆ ଅଭ୍ୟାସ। ତା'ଛଡା ସିନେମା ପୃଷ୍ଠାରେ ସ୍ଥାନିତ 'ଶାହରୁଖ୍‌ଙ୍କ ନଖରାମି', 'ଦିନ ଗଣୁଛନ୍ତି କଙ୍ଗନା', 'ମାନିଲେ ପରିଣିତି' ଆଦି ପାଠଗୁଡ଼ିକର ଲେଖାଶୈଳୀ ଅତି ସୁନ୍ଦର ହୋଇଥିଲା।

*–ଭବାନୀ ମାଝି, ରାଉରକେଲା*

■ଅଭିନେତା ତୁଷାରକାନ୍ତ ଆଚାର୍ଯ୍ୟଙ୍କ ରୋଜଗାର ସମ୍ପର୍କିତ ଲେଖାଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ସେହିପରି 'ଜଙ୍ଗଲରେ ମନ' ପାଠଟି ଏକ ପ୍ରେରଣାଦାୟୀ ଆଲେଖ୍ୟ ଥିଲା। ପ୍ରାକୃତିକ ବୈଭବର ଗନ୍ତାଘର କୁହାଯାଉଥିବା ଚଲାକୁଡ଼ି ପାଠଟିରୁ ଅନେକ ନୂଆ କଥା ଜାଣିବାକୁ ମିଳିଲା।

*–ତପନ ବାରିକ, ସମ୍ବଲପୁର*

■ବିବିଧା ଓ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ ଛୋଟ ଛୋଟ କିନ୍ତୁ ମଜାଦାର ପାଠଗୁଡ଼ିକ ମୋର ଅତି ପ୍ରିୟ। ସେହିପରି ଯାତ୍ରା ପୃଷ୍ଠାରୁ ବି ଜଲିଉଡ୍ ଇଣ୍ଡଷ୍ଟ୍ରି ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳୁଥିବାରୁ ଖୁସି ଲାଗୁଛି।

*–ଅଭିଲିପ୍ସା ଷଡ଼ଙ୍ଗୀ, ମୟୂରଭଞ୍ଜ*



## ବିଶେଷ ଚିଠି

ଧରିତ୍ରୀର ଛୁଟିଦିନ ଲାଗଇ ନିଆରା
ସାଥୀ ବିନା ସବୁ ମୋର ସପନ ଅଧୁରା।
ପ୍ରଚ୍ଛଦ ପ୍ରସଙ୍ଗ ସଦା କରେ ଆନମନା
ସୃଜନ ମନରେ ଭରେ ଗଭୀର ଭାବନା।
ବ୍ୟକ୍ତିତ୍ୱ, ସିନେମା ପୁଣି ସହରଠୁ ଦୂର
ମଞ୍ଚମାୟା ଖୁସି ଦିଏ ମଡେଲ ମିରର୍।
କାର୍ଟୁନ କର୍ନର ପୁଣି ହାଃ ହାଃ କଥା
ବିବିଧା ଲାଗଇ ଭଲ ଘୂରୁଥାଏ ମଥା।
ଏହି ଛୋଟ ପତ୍ରିକାଟି ଅତି ମନୋହର
ସଭିଙ୍କର ପ୍ରିୟ ପୁଣି ମଡେଲ ମିରର୍।

–ଚନ୍ଦନ ପଣ୍ଡା,
ଇଞ୍ଚୋଳ, ହାଟଡିହୀ, କେନ୍ଦୁଝର

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com







# ଟ୍ରାଇ କଲର ଇୟର ରିଂ









**ନାରୀଙ୍କ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିବାରେ ଇୟର୍ ରିଂର ବି କିଛି କମ୍ ଭୂମିକା ନାହିଁ। ଦିନକୁ ଦିନ ଏହାର ନୂଆ ନୂଆ ଡିଜାଇନ୍ ବି ଆସୁଛି, ଯାହା ଖୁବ୍ ଟ୍ରେଣ୍ଡି ଲାଗିବା ସହ ନାରୀଙ୍କୁ ଆକର୍ଷଣୀୟ ଲୁକ୍ ଦେଇପାରୁଛି। ତେବେ ସାଧାରଣତନ୍ତ୍ର ଦିବସ ଅବସରରେ କେମିତି ନିଜକୁ ଖାସ୍ ଲୁକ୍ ଦେଇପାରିବେ, ସେନେଇ ଯଦି ଚିନ୍ତିତ ତା'ହେଲେ ଆପଣ ଚାହିଁଲେ ଆପଣେଇପାରିବେ ଏହି ସବୁ କ୍ଲାସି ଟ୍ରାଇ କଲର ଇୟର ରିଂ...**

**ଟ୍ରାଇ କଲର ପମ୍ ପମ୍ ଇୟର ରିଂ:** ପମ୍ ପମ୍ ଇୟର ରିଂ ଏକ ଟ୍ରେଣ୍ଡି ଇୟର ରିଂ ଭାବେ ଏବେ ଉଭା ହୋଇଛି। ଏହା ବିଭିନ୍ନ ରଙ୍ଗରେ ମଧ୍ୟ ଆସୁଛି। ଖାସ୍ କରି ସାଧାରଣତନ୍ତ୍ର ଦିବସକୁ ଆଖି ଆଗରେ ରଖି ଏବେ ଟ୍ରାଇ କଲର୍‌ର ମଧ୍ୟ ପମ୍ ପମ୍ ଇୟର ରିଂ ଆସିଲାଣି, ଯାହା ଏହି ଖାସ୍ ଅବସରରେ ଯୁବତୀଙ୍କୁ ଏକ ଡିଫରେଣ୍ଟ ଲୁକ୍ ଦେଇପାରିବ।

**ଟ୍ରାଇ କଲର ଟାସେଲ୍ ଇୟର ରିଂ:** ଟାସେଲ୍ ଇୟର ରିଂର ଟ୍ରେଣ୍ଡ ଏବେ ଖୁବ୍ ଚାଲିଛି। ଏହା ବି ବିଭିନ୍ନ ରଙ୍ଗରେ ଆସୁଛି। ଖାସ୍ କରି ଆମ ଜାତୀୟ ପତାକାର ତିନୋଟି ଭିନ୍ନ ଭିନ୍ନ ରଙ୍ଗକୁ ମ୍ୟାଚ୍ କଲାଭଳି ଉଲ୍ କିମ୍ବା ସରୁ ସରୁ ସୂତାରେ ଝାଲେରି ଭଳି ତିଆରି ହୋଇଥିବା ଟ୍ରାଇ କଲର୍ ଟାସେଲ୍ ଇୟର୍ ରିଂକୁ ମଧ୍ୟ ଏହି ଖାସ୍ ଅବସରରେ ପିନ୍ଧାଯାଇପାରେ।

**ଟ୍ରାଇ କଲର ଝୁମ୍‌କା:** ଝୁମ୍‌କା, ଯାହାକୁ ପେଣ୍ଡି ବି କୁହାଯାଇଥାଏ। ଏହି ଇୟର ରିଂ କେବେ ଆଉଟ୍ ଅଫ୍ ଫ୍ୟାଶନ ହୁଏ ନାହିଁ। ଏହା ନାରୀଙ୍କୁ ଏଥ୍‌ନିକ୍ ଲୁକ୍ ଦେଇଥାଏ। ବଡ଼ରୁ ଆରମ୍ଭ କରି ମିଡିୟମ୍ ସାଇଜ୍ ଅଥବା ଛୋଟ ସାଇଜ୍‌ରେ ଏହା ଉପଲବ୍ଧ। ଏବେ ଟ୍ରାଇ କଲର୍ ଝୁମ୍‌କା ମଧ୍ୟ ଆସିଲାଣି, ଯେଉଁଥିରେ ଜାତୀୟ ପତାକାର ରଙ୍ଗ ସହ ମ୍ୟାଚ୍ କଲା ଭଳି ତିନୋଟି ଭିନ୍ନ ଭିନ୍ନ ରଙ୍ଗର ରଙ୍ଗିନ ସୂତା କିମ୍ବା ଉଲ୍‌ର ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି, ଯାହା ବେଶ୍ ଆକର୍ଷଣୀୟ ବି ଲାଗୁଛି।

**ଟ୍ରାଇ କଲର ଷ୍ଟଡ୍ ଇୟର ରିଂ:** ଯେଉଁମାନଙ୍କୁ ଲମ୍ବା କିମ୍ବା ହେଭି କାମ ବାଲା ଇୟର୍ ରିଂ ପିନ୍ଧିବା ପସନ୍ଦ ନୁହେଁ, ସେମାନଙ୍କ ପାଇଁ ଷ୍ଟଡ୍ ଇୟର ରିଂ ସବୁଠୁ ଭଲ ଅପ୍ସନ। ଏହା ସବୁ ଆଉଟ୍‌ଫିଟ୍ ସହ ଭଲ ମାନିଥାଏ। ମୁଖ୍ୟତଃ ଷ୍ଟୋନ କିମ୍ବା ପର୍ଲ ଖଚିତ ଷ୍ଟଡ୍ ଟ୍ରେଣ୍ଡି ଲୁକ୍ ଦେଇଥାଏ। ହେଲେ ସାଧାରଣତନ୍ତ୍ର ଦିବସ ପାଇଁ ଏବେ ଟ୍ରାଇ କଲର୍ ଷ୍ଟଡ୍ ଇୟର ରିଂ ଏକ ନୂଆ ଟ୍ରେଣ୍ଡ ଭାବେ ଉଭା ହୋଇଛି, ଯାହାକୁ ଆପଣ ବି ଟ୍ରାଏ କରିପାରିବେ।

**ଟ୍ରାଇ କଲର ଲିଫ୍ ଇୟର ରିଂ:** ଲିଫ୍ ବା ପତ୍ର ଡିଜାଇନ୍‌ର ଇୟର୍ ରିଂ ବି ଯୁବତୀଙ୍କୁ ମଡର୍ନ ଲୁକ୍ ଦେଇଥାଏ। ଏହା ଉଭୟ ଶୁଖିଲା କିମ୍ବା ସତେଜ ପତ୍ରର ରଙ୍ଗ ସହ ମ୍ୟାଚ୍ କଲାଭଳି ରଙ୍ଗରେ ଆସିଥାଏ। ତେବେ ସାଧାରଣତନ୍ତ୍ର ଦିବସ ଭଳି ବିଶେଷ ଅବସରରେ ଯୁବତୀଙ୍କୁ ଡିଫରେଣ୍ଟ ଲୁକ୍ ଦେବା ପାଇଁ ଏବେ ଟ୍ରାଇ କଲର୍‌ରେ ବି ଏହି ଇୟର ରିଂ ଆସୁଛି।

**ଟ୍ରାଇ କଲର ବିଡ୍ସ ଇୟର୍ ରିଂ:** ବିଡ୍ସ ବା ମାଳିକୁ ଗୁନ୍ଥି ଇୟର ରିଂ ବି ତିଆରି କରାଯାଇଥାଏ, ଯାହା ବେଶ୍ ଆକର୍ଷଣୀୟ ଲୁକ୍ ଦେଇଥାଏ। ଏବେ ଟ୍ରାଇ କଲର୍ ବା ଜାତୀୟ ପତାକାର ରଙ୍ଗ ସହ ମ୍ୟାଚ୍ କଲାଭଳି ତିନୋଟି ଭିନ୍ନ ଭିନ୍ନ ରଙ୍ଗର ମାଳିକୁ ଗୁନ୍ଥି ତିଆରି କରାଯାଉଥିବା ଟ୍ରାଇ କଲର୍ ବିଡ୍ସ ଇୟର ରିଂ ଏକ ଟ୍ରେଣ୍ଡି ଇୟର ରିଂ ଭାବେ ଜଣାଯାଉଛି।

କେବଳ ଏତିକି ନୁହେଁ, ଏବେ ମାର୍କେଟ୍‌ରେ ଆହୁରି ଅନେକ ମଡର୍ନ ଡିଜାଇନ୍‌ର ଟ୍ରାଇ କଲର୍ ଇୟର ରିଂ ବି ମିଳିଲାଣି, ଯାହାକୁ ଏହି ଖାସ୍ ଦିନରେ ପିନ୍ଧିଲେ ସମସ୍ତଙ୍କଠାରୁ ଏକ ଭିନ୍ନ ଲୁକ୍ ମିଳିପାରିବ।

# ସ୍ୱାଧୀନତାର ସେଇଦିନ

ବୟସରେ
ସିନା ସେମାନେ
ସାନ ଥିଲେ କିନ୍ତୁ ତାଙ୍କ ସ୍ୱପ୍ନ ଥିଲା ଖୁବ୍ ବଡ।
ସେମାନେ ଦେଖୁଥିଲେ ଗୋଟିଏ ସ୍ୱପ୍ନ। ଦେଶ
ସ୍ୱାଧୀନ ହେବାର। କିଏ ବୁଝୁଥିଲେ ଆଉ କିଏ
ବୁଝୁ ନ ଥିଲେ। କିନ୍ତୁ ଅପେକ୍ଷା ଥିଲା
ଗୋଟିଏ ଦିନକୁ ...



ବୟସରେ ସିନା ସେମାନେ ସାନ ଥିଲେ କିନ୍ତୁ ତାଙ୍କ ସ୍ୱପ୍ନ ଥିଲା ଖୁବ୍ ବଡ। ସେମାନେ ଦେଖୁଥିଲେ ଗୋଟିଏ ସ୍ୱପ୍ନ। ଦେଶ ସ୍ୱାଧୀନ ହେବାର। କିଏ ବୁଝୁଥିଲେ ଆଉ କିଏ ବୁଝୁ ନ ଥିଲେ। କିନ୍ତୁ ଅପେକ୍ଷା ଥିଲା ଗୋଟିଏ ଦିନକୁ । କେଉଁ ଦିନ ଆମ ଦେଶ ସ୍ୱାଧୀନ ହେବ। ଶେଷରେ ସେ ଦିନ, ସେ ମୁହୂର୍ତ୍ତ ଆସିଲା। ଯାହା ସେମାନେ ଶୁଣିବାକୁ ଅପେକ୍ଷା କରି ରହିଥିଲେ। ତେବେ କେମିତି ଥିଲା ସେଦିନର ଅନୁଭବ ଆଉ ଅନୁଭୂତି ...

**ପୁଅକୁ କହିଥିଲି ତୁ ସ୍ୱାଧୀନ ଦେଶର ପିଲା ବୋଲି ଗର୍ବ ଲାଗୁଛି–**

**ରମା ଦେବୀ ସ୍ୱାଧୀନତା ସଂଗ୍ରାମୀ:** ମୋର ଜନ୍ମ ୧୯୨୮ ମସିହାରେ ଶ୍ରୀରାମଚନ୍ଦ୍ରପୁର ଶାସନ ଗ୍ରାମରେ। ବାପା ପଣ୍ଡିତ ନୀଳକଣ୍ଠ ଦାସ ଓ ମା' ରାଧାମଣୀ ଦେବୀ । ନିମାପଡ଼ା ନିକଟ ବାମନାଳ ଗ୍ରାମରେ ମୋର ବିବାହ ହୋଇଥିଲା। ସ୍ୱାମୀ ଦ୍ୱାରକାନାଥ ଦାଶ। ଶ୍ୱଶୁର କାଶୀନାଥ ଦାଶ। ସ୍ୱାମୀଙ୍କର ଗାଁ ପ୍ରତି ବହୁତ ଆସକ୍ତି ଏବଂ ଅବଦାନ ଥିଲା । ପରବର୍ତ୍ତୀ ସମୟରେ ସେମାନେ ଆସି ପୁରୀରେ ରହିଥିଲେ । ବାପଘରେ ସମସ୍ତେ ସ୍ୱାଧୀନତା ସଂଗ୍ରାମୀ ଓ ଦେଶପ୍ରେମୀ ଥିଲେ। ମୋ ଜନ୍ମ ପୂର୍ବରୁ ବାପା ସତ୍ୟବାଦୀ ସ୍କୁଲରୁ ଶିକ୍ଷକତା ଚାକିରି ଛାଡି ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇଥିଲେ। ବଡ଼ଭାଇ ଜଣେ ବିପ୍ଳବୀ ଥିଲେ । ସେ ସୁଭାଷ ବୋଷଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ତାଙ୍କ ସହିତ ରହିଥିଲେ। ମା' ବି ମୋତେ ଛୋଟ ବେଳେ ଘରେ ଛାଡି ଅଫିମ ଦୋକାନ ଆଗରେ ପିକେଟିଂ କରି କାରାବରଣ କରିଥିଲେ । ଆମେ ଭାଇଭଉଣୀ ସମସ୍ତେ ସ୍ୱାଧୀନ ଚେତା ଥିଲୁ । ଆମ ଘରେ ଛୁଆଁ ଅଛୁଆଁ କିଛି ନ ଥିଲା । ଉଦ୍ଦେଶ୍ୟ ଥିଲା ଦେଶ କିପରି ସ୍ୱାଧୀନତା ଲାଭ କରିବ ।ସ୍ୱାଧୀନତା ପାଇବା ବେଳକୁ ମୋତେ ୧୯ ବର୍ଷ ହୋଇଥିଲା । ସେତିକି ବେଳେ ମୋ ଦ୍ୱିତୀୟ ପୁଅ ୧୦ ମାସର ହୋଇଥିଲା । ଦେଶ ସ୍ୱାଧୀନ ହେବା ଶୁଣିବା ପରେ ବହୁତ ଆନନ୍ଦ ଲାଗିଥିଲା । ଆମ ପରିବାର ସଦସ୍ୟ ଦୀର୍ଘବର୍ଷ ଧରି ଯେଉଁ ସଂଗ୍ରାମ କରିଥିଲେ ତାହା ପୂରଣ ହେଲା ବୋଲି ଲାଗିଲା। ସବୁ ଦୁଆର ମୁହଁରେ ଚିତା ପକାଇ ପୂର୍ଣ୍ଣକୁମ୍ଭ ବସାଇ ଆମ୍ବ ଡାଳ ବାନ୍ଧିଥିଲୁ । ପ୍ରକୃତରେ ମୁଁ ବେଶି ଉପଭୋଗ କରୁଥିଲି । ଆମ ଦେଶକୁ ଏବେ ଆମରି ଲୋକ ଚଳାଇବେ, ଇଂରେଜ ପଳାଇଲେ ଦେଶ ଆହୁରି ବିକାଶ କରିବ ଏମିତି ଭାବନା ମନକୁ ବି ଆସିଥିଲା । ମା' ବି ସେଦିନ ବହୁତ ଖୁସି ହୋଇଥିଲେ । ସେଦିନ ପୁଅକୁ ଗାଡିରେ ନେଇ କୌଣସି ଏକ କାମରେ ଯାଉଥିଲି । ଭାରତ ସ୍ୱାଧୀନତା ପାଇଗଲା ବୋଲି ପିଲାମାନେ ଜାତୀୟ ପତାକା ଧରି ବୁଲୁଥିଲେ। ସେହି ଗାଡି ଭିତରେ ପୁଅକୁ କହିଥିଲି ଆମେ ପରାଧୀନ ଦେଶରେ ଜନ୍ମ ହୋଇଥିଲୁ । ହେଲେ ତୁ ସ୍ୱାଧୀନ ଦେଶର ପିଲା ବୋଲି ମୋତେ ଭାରି ଗର୍ବ ଲାଗୁଛି ।


**ସ୍ୱାଧୀନତାର ଅର୍ଥ ଜାଣି ନ ଥିବା ମୋ ଆଈ ସେଦିନ ରାନ୍ଧିଥିଲେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ – ରଞ୍ଜିତା ଜେନା, ସାହିତ୍ୟିକା:** ମୋର ଜନ୍ମ ମୟୂରଭଞ୍ଜରେ। ମୁଁ ସେହି ସ୍କୁଲରେ ପାଠ ପଢୁଥାଏ। ଆମ ସ୍କୁଲରେ ବୋଲା ହୁଏ 'ମୋର ଏହି ଭଞ୍ଜଭୂଇଁ, ମୋର ମହାରାଜା, ଜନ୍ମେ ଜନ୍ମେ କରୁଥିବି ମୁଁଏ ଦୁହିଁଙ୍କୁ ପୂଜା।' ୧୯୪୩ ମସିହାରେ ମୁଁ ଓଡିଶା ଆସିଲି। ସେତେବେଳେ ମୟୂରଭଞ୍ଜ ଲୋକ ଓଡିଶାକୁ ମୋଗଲବନ୍ଦୀ ବୋଲି କହୁଥିଲେ। ମୋର ମାମୁ ବିଶ୍ୱନାଥ ପଶାୟତ ଥିଲେ ସ୍ୱାଧୀନତା ସଂଗ୍ରାମୀ। ସେ ଓକିଲାତି ମଧ କରୁଥିଲେ। ୧୯୪୫ ମସିହା ଭାରତଛାଡ ଆନ୍ଦୋଳନ ସମୟର କଥା। ମାମୁ ଆମକୁ ଶିଖାଇଥିଲେ 'ମହାତ୍ମା ଗାନ୍ଧୀ କି ଜୟ'। ଆମେ ସବୁ ପିଲାମାନେ ଏମିତି କହି ବୁଲୁଥିଲୁ। ଥରେ ସ୍କୁଲରେ ଆମକୁ ପତାକା ତିଆରି କରିବାକୁ କହିଲେ ମାଷ୍ଟ୍ରେ କହିଥିଲେ। ଆଉ ଆମେ ଧଳା ଖଦି କପଡାରେ ରଙ୍ଗ ଦେଇ ପତାକା ତିଆରି କରି ନେଇଥିଲୁ, ଯାହା ଆମକୁ ମାମୁ ଶିଖାଇଥିଲେ। ଦେଶ ସ୍ୱାଧୀନ ବେଳକୁ ମୁଁ ପଞ୍ଚମ ଶ୍ରେଣୀରେ ପଢୁଥାଏ। ମୋ ଅଜା ଗୋକୁଳାନନ୍ଦ ପଶାୟତ ଥିଲେ ଜମିଦାର ଆଉ ଗାଁର ୟୁନିୟନ ପ୍ରେସିଡେଣ୍ଟ। ଦେଶ ସ୍ୱାଧୀନ ହେବାର ଖବର ଜାଣିବା ପରେ ଅଜାଙ୍କ କଚେରି ଘରେ ଆମ୍ବପତ୍ର ଓ ପତାକା ଟଙ୍ଗା ହେଲା। ଦୁଆର ମୁହଁରେ କଳସ ବସା ହେଲା। ମଇଁଷି କ୍ଷୀର ପାଞ୍ଚ ସେର ଆସି ଖିରି ହେଲା। ପଲାଉ ଓ ଅନ୍ୟାନ୍ୟ ଭଲ ଖାଦ୍ୟ ସେଦିନ ଘରେ ରନ୍ଧା ହୋଇଥିଲା। ଗାଁ ସାରା ସେଦିନ ଘରେ ଘରେ ଭଲ ଖାଇବା ପିଇବା ହୋଇଥିଲା। ମୋ ଆଈ, ଯିଏ ଏତେ ସବୁ ରୋଷେଇ କରିଥିଲେ ସେ ପ୍ରକୃତରେ ଜାଣି ନ ଥିଲେ ସ୍ୱାଧୀନତା କ'ଣ ? ସାରା ଗାଁରେ ସମସ୍ତଙ୍କ ପାଇଁ ଏହାଥିଲା ଗୋଟିଏ ପର୍ବର ଦିନ।

**ଖୁସିରେ ଦୀପ ଜାଳିଥିଲୁ–ଅଶୋକ ଜେନା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ:** ଖୋର୍ଦ୍ଧା ଜିଲା ସୋରଣ ଗ୍ରାମରେ ମୋର ଜନ୍ମ। ଦେଶ ପରାଧୀନ ସମୟରେ ଗାଁକୁ ବିଜୁଳି ଆଲୁଅ ଆସି ନ ଥାଏ। ରାସ୍ତାଘାଟ ଯାହା ଥିଲା ଶଗଡ଼ବାଟ, ମାଟିର କଚା ରାସ୍ତା । ଗାଁକୁ ନାଳିପଗଡ଼ିଆ ସମୟେ ସମୟେ ଆସନ୍ତି । ଗାଁରେ ନ୍ୟାୟ ନିଶାପ ବସିଲେ ସମସ୍ତେ ମାନୁଥିଲେ। ଗୁରୁଜନଙ୍କ ପ୍ରତି ପ୍ରଗାଢ ଭକ୍ତି ଓ ବିଶ୍ୱାସ ରହୁଥିଲା। ଦେଶ ସ୍ୱାଧୀନ ହେଲା ଦିନ ସମସ୍ତେ ଖୁସୀ ହୋଇ ଦୀପ ଜାଳିଲୁ । ଆଶାକଲୁ ଗାଁରେ ସମସ୍ତଙ୍କ ଦୁଃଖ ଦୂରହେବ। ସେହି ସମୟରେ ଲୋକଙ୍କ ମନରେ ଅଶେଷ ଉତ୍ସାହ ଓ ଉନ୍ମାଦନା ଦେଖାଦେଇଥିଲା। ସୁଖଶାନ୍ତିରେ ଜୀବନକାଟିବେ ବୋଲି ଭାବନା ଥିଲା।

**ବାଜା ବଜାଇ ସାହି ସାହି ବୁଲିଲୁ–ରାଜକିଶୋର ପାତ୍ର, ସାମାଜିକ କର୍ମୀ, ମାର୍କସବାଦୀ କମ୍ୟୁନିଷ୍ଟ ପାର୍ଟି:** ଟାଙ୍ଗୀବ୍ଲକ କୁହୁଡ଼ିଗଡ଼ରେ ମୋର ଜନ୍ମ। ୧୯୩୧ ମସିହା ଜାନୁୟାରୀ ୧୧ତାରିଖରେ। ପିତା ଗୋପୀନାଥ ପାତ୍ର, ମା' ସୋବି ଦେଈ । ମୋର ମନେପଡୁଛି ସେତେବେଳେ ଆମ ଗାଁରେ ଅନେକ ଲୋକ ଭୋକଉପାସରେ ରହୁଥିଲେ, ଚାଉଳ ମିଳୁ ନ ଥିଲା। ଅନେକ ଜଙ୍ଗଲ ଜାତ ଫଳମୂଳ ସଂଗ୍ରହକରି ଜୀବନ ବିତାଉଥିଲେ । କେବଳ ଧନୀ ଶ୍ରେଣୀୟ ଲୋକମାନେ ସମୟେ ସମୟେ ସାହାଯ୍ୟ କରୁଥିଲେ । ସ୍ୱାଧୀନତା ସଂଗ୍ରାମୀ ନବକିଶୋର ପଟ୍ଟନାୟକ, ଲୋକ ସାହୁ, ବାନା ପରିଡ଼ା ଅରଟରେ ସୂତା କାଟୁଥିଲେ । ଗାଁକୁ ବ୍ରିଟିଶ ଆସୁବା ଶୁଣିଲେ ଲୁଚୁଥିଲେ । ମାଟିବଂଶ ଅବଧାନଙ୍କ ପାଖେ ଆମେ ଯାଇ ପାଠ ପଢୁଥିଲୁ। ଯେତେବେଳେ ଶୁଣିଲୁ ଦେଶ ସ୍ୱାଧୀନ ହେଲା ଗାଁ କ୍ରାନ୍ତିଦଳରେ ବୟସ୍କଙ୍କ ସହିତ ମିଶି ବାଜାବଜାଇ ସାହି ସାହି ବୁଲି ଖୁସୀ ହୋଇଥିଲୁ।

**ଚରଖା ଚିହ୍ନଥିବା ପତାକା ଧରି ଗାଁ ଗାଁ ବୁଲିଥିଲୁ–ବିଚିତ୍ରା ନନ୍ଦ ପାଇକରାୟ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ:** ୧୯୩୧ ମସିହା ମଇ ୩୧ରେ ଚିଲିକା ବ୍ଲକର ପାଇକକୁଶଡ଼ିହ

→





ଗାଁରେ ମୋର ଜନ୍ମ। ସେତେବେଳେ ଗାଁ ଲୋକମାନଙ୍କୁ ପୂରାପେଟ ଖାଇବାକୁ ମିଳୁ ନ ଥିଲା। ବିଶେଷକରି ଲୋକଙ୍କୁ ସବୁବେଳେ ଭାତ ଖାଇବାକୁ ମିଳୁ ନ ଥିଲା। ତେଣୁ ମାଣ୍ଡିଆ ଜାଉ, ସୁଆଁ ଜାଉ ଆଦି ଖାଇ ରହୁଥିଲେ। ମୋର ମନେପଡୁଛି ଆମ ଗାଁ ଦେଇ ଟ୍ରେନରେ ସୈନ୍ୟମାନେ ଯାଉଥିବାବେଳେ ଦେଶୀ ସୈନିକମାନେ ଗାଁଲୋକଙ୍କୁ ଦେଖି ଖାଦ୍ୟପୁଡ଼ିଆ ଫିଙ୍ଗୁଥିଲେ। ଭୋକରେ ଥିବା ଗାଁ ଲୋକମାନେ ଖୁସୀରେ ଗୋଟାଇ ନେଇ ଖାଉଥିଲେ। ମାତ୍ର କ୍ଷୀରସ୍ତାନୀ(ଇଂରେଜ)ମାନଙ୍କୁ ଦେଖିଲେ ରାଗି ଉଠୁଥିଲେ। ଆମ ଗାଁରେ




ଏକତା। ରହିଥାଏ । ପାଠ ପଢିବାକୁ ଗାମୁଛା ପିନ୍ଧି ଯାଉଥିଲୁ। ଯେତେବେଳେ ଶୁଣିଲୁ ଦେଶ ସ୍ୱାଧୀନ ହେଲା ଚରଖା ଚିହ୍ନ ଥିବା ପତାକା ଧରି ଭାରତ ମାତା କି ଜୟ, ମହାତ୍ମା ଗାନ୍ଧୀ କି ଜୟ କହି ଗାଁ ଗାଁ ବୁଲିଲୁ।

**ବନ୍ଦେ ମାତରମ୍ ସ୍ଲୋଗାନ ଦେଇ ବୁଲିଥିଲୁ –ଶଶିଭୂଷଣ ତ୍ରିପାଠୀ, କୃଷକ:** ୧୯୪୭ ମସିହାରେ ମୁଁ ସମ୍ବଲପୁର ଜିଲ୍ଲା ରମ୍ପାଲୁଗା (ବର୍ତ୍ତମାନ ହୀରାକୁଦ ଡ୍ୟାମରେ ବିଲୀନ ହୋଇଥିବା) ମଧ୍ୟ ଇଂରାଜୀ ସ୍କୁଲରେ ସପ୍ତମ ଶ୍ରେଣୀ ଛାତ୍ର ଥିଲି । ସ୍କୁଲ ଶିକ୍ଷକ ହରିଶ୍ଚନ୍ଦ୍ର ସାହୁ ସମବେତ ଛାତ୍ରଙ୍କୁ ଭାରତ ସ୍ୱାଧୀନ ହେବା ଖବର ଦେଇଥିଲେ । ଏହାପରେ ଆମ ଶ୍ରେଣୀର ପ୍ରାୟ ୩୦ଜଣ ସାଙ୍ଗ ଖୁସିରେ ବିଭୋର ହୋଇଥିଲୁ। ମୁଁ ଭାରତ ମାତା କି ଜୟ ଓ ବନ୍ଦେ ମାତରମ୍ ଧ୍ୱନି ଦେଇଥିଲି । ଶିକ୍ଷକମାନେ ଆମକୁ ମିଷ୍ଟାନ୍ନ (ବୁନ୍ଦି) ବଣ୍ଟନ କରିଥିଲେ । ସେହି ସମୟର ସ୍ମୃତି ଆଜି ବି ଅଭୁଲା ହୋଇ ରହିଛି । ପରିଣତ ବୟସରେ ତାକୁ ମନେପକାଇଲେ ଦେହରେ ଶିହରଣ ସୃଷ୍ଟି ହୋଇଥାଏ । କିନ୍ତୁ ୧୯୪୭ ପୂର୍ବରୁ ସ୍କୁଲରେ ଶିକ୍ଷକମାନେ ଇଂରେଜ ବିରୁଦ୍ଧରେ କିଛି କହୁ ନ ଥିଲେ । ଛାତ୍ରଙ୍କୁ ମଧ୍ୟ ତାଗିଦ୍ କରୁଥିଲେ । ସେହି ସମୟରେ ଏକତୁଲା ରୁପା ଟଙ୍କା ବନ୍ଦ ହୋଇ କାଗଜ ଟଙ୍କା ବାହାରି ଥିଲା । ଏହାକୁ ନେଇ ମୁଁ 'ରୁପା ଟଙ୍କା କାହିଁଗଲା, କାଗଜ ଖଣ୍ଡେ ଆସିଲା, ଇଂରେଜ ସରକାର ଆମ ଦେଶର ଧନ ସବୁ ବୋହି ନେଇଗଲା' କବିତା ଲେଖି ମୁଁ ସାଙ୍ଗମାନଙ୍କୁ ଶୁଣାଉଥିଲି । ସେହି ସମୟରେ ଶିକ୍ଷକ ଏହା ଜାଣିପାରି ସମସ୍ତଙ୍କୁ ତାଗିଦ୍ କରି କହିଥିଲେ ଇଂରେଜ ବିରୁଦ୍ଧରେ କିଛି କୁହନାହିଁ କିମ୍ବା ଲେଖ ନାହିଁ । ଯଦି ଲେଖିବ ତେବେ ସ୍କୁଲ ବନ୍ଦ ହୋଇଯିବ । ଜରିମାନା ଦେବାକୁ ପଡିବ, ଜେଲ ମଧ୍ୟ ଯିବାକୁ ପଡିବ। ଭାରତ ସ୍ୱାଧୀନତା ପରେ ସେହି ପୂର୍ବ କବିତା ମୁଁ ସାଙ୍ଗମାନଙ୍କୁ ପୁଣି ଥରେ ଶୁଣାଇ ଖୁସି ଅନୁଭବ କରିଥିଲି।

**ବାଣ ଫୁଟାଇ, ଡ୍ରମ ବଜାଇ ଉତ୍ସବ ପାଳିଥିଲୁ– ଜୟସିଂହ ମହାପାତ୍ର,ସ୍ୱାଧୀନତା ସଂଗ୍ରାମୀ, ଗବେଷକ:** ମୋ ଜନ୍ମ ୧୯୨୯ରେ। ଦେଶ ସ୍ୱାଧୀନତା ହେବା ପୂର୍ବରୁ ସାଲେପୁର ହାଇସ୍କୁଲରେ ୮ମ ଶ୍ରେଣୀରେ ପଢୁଥିଲି। ସେଠାରେ ଦେଶର ପିତା ଗାନ୍ଧିଜୀଙ୍କ ଅହିଂସା ଆନ୍ଦୋଳନରେ ସାମିଲ ହେବାକୁ ଆଗ୍ରହ ଥିଲା। ବାରିପଦାର କାଶୀନାଥ ପାଣିଙ୍କ ପୁଅ ମଧୁସୂଦନ ପାତ୍ର ରେଭେନ୍ସାରେ ପଢୁଥିବା ବେଳେ ଆମ ସ୍କୁଲକୁ ଆସି ସ୍ୱାଧୀନତା ସଂଗ୍ରାମର କଥା କହୁଥିଲେ। ପ୍ରଧାନ ଶିକ୍ଷକ ମୁନିସ୍ ମିଆଁ ଭଲ ମଣିଷ ଥିଲେ। ସେ ମୋତେ ସହଯୋଗ କରିବାରୁ ମୟୂରଭଞ୍ଜ ବାରିପଦା ତାଳଧବା ଗାଁରେ ଆତ୍ମଗୋପନ କଲି। ସେଠାରେ ଆନ୍ଦୋଳନରେ ସାମିଲ ହେବାରୁ ଗୋରାସାହେବ ମୋତେ ଖୋଜିଲେ। ସେଠାରେ ଦେଢ଼ବର୍ଷ ରହିବା ପରେ ଗାଁକୁ ଆସିଲି। ଦେଶ ସ୍ୱାଧୀନତା ହେବା ଦିନ ଜୀବନର ସବୁଠୁ ଆନନ୍ଦର ଦିନଥିଲା। ଆମ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀ କିଶୁ ରାଉତ,ଚିନ୍ତାମଣି ଦାସ,ଭରତ ରାଉତ,ପଞ୍ଚାନନ ରାଉତ ସହ ଗାଁ ପରିକ୍ରମା କଲୁ। ଜାତୀୟ ସଂଗୀତ, ଜାତୀୟ ପତାକା ଧରି ବିଭିନ୍ନ ସ୍ଲୋଗାନ ଦେଲୁ। ଗାଁ ଲୋକେ ଆମ ସାଙ୍ଗରେ ସାମିଲ ହେଲେ । ଦେଶ ସ୍ୱାଧୀନତା ହେବାପରେ ଅଧାରୁ ପାଠପଢ଼ା ଛାଡିଥିବାରୁ ପୁଣି ଆରମ୍ଭ କଲି। ବାଣ ଫୁଟାଇ, ଡ୍ରମ ବାଡେଇ ସାରା ଦିନ ଉତ୍ସବପାଳନ କରିଥିଲୁ। ଗ୍ରାମର ଆରାଧ୍ୟା ଦେବୀ ମା' ବୁଢ଼ୀ ମଙ୍ଗଳା, ଆରାଧ୍ୟ ଦେବ ଦଧିବାମନଜୀଉଙ୍କୁ ଘିଅ ଦୀପ ଦାନ କରିଥିଲୁ।


**ପ୍ରଥମ ସ୍ୱାଧୀନତା ଦିବସ କଥା ମନେପଡ଼ିଲେ ଲୋମ ଟାଙ୍କୁରି ଉଠେ–ଶରତ ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଅଧ୍ୟକ୍ଷ:** ୧୯୪୭ ମସିହା, ସେତେବେଳେ ମୁଁ ସୋନପୁର ମହାରାଜା ହାଇସ୍କୁଲରେ ମାଟ୍ରିକର ଛାତ୍ର ଥାଏ। ଏହାର ବହୁତ ପୂର୍ବରୁ ଦେଶରେ ସ୍ୱାଧୀନତା ଆନ୍ଦୋଳନ ଜାରି ରହିଥିଲା। ହେଲେ ଇଂରେଜ ସରକାର ନିଜର କରଦ ରାଜ୍ୟ ରାଜାମାନଙ୍କ ସହାୟତାରେ ଏସବୁକୁ ଦମନ କରିବାରେ ଲାଗିଥାନ୍ତି। ସେଥିପାଇଁ ଲୁଚାଛପାରେ ସଭାସମିତିର ଆୟୋଜନ ହେଉଥାଏ। ଏହି ସଭା ସମିତିମାନଙ୍କରେ ଗୋପନରେ ଅନେକ ଛାତ୍ର ଯୋଗଦେଉଥାନ୍ତି। କାରଣ ଏ କଥା ଯେମିତି ରାଜାଙ୍କ କାନକୁ ନ ଯାଏ, ନ ହେଲେ ରାଜଦ୍ରୋହ ଅପରାଧରେ କାରାବରଣ କରିବାକୁ ପଡ଼ିପାରେ। ୧୯୪୬ ମସିହା ରାମନବମୀ ସମୟରେ ସୋନପୁର ଗଡ଼ଭିତରର କିଛି ଛାତ୍ରଙ୍କ ସହିତ ପୋଲିସର କୌଣସି ଘଟଣାକୁ ନେଇ କଥା କଟାକଟି ହେଲା। ଏଥିରେ ପୋଲିସ କିଛି ଛାତ୍ରଙ୍କୁ ହାଜତରେ ଭର୍ତ୍ତି କରିଦେଲା। ସକାଳୁ ଏ ଖବର ହଷ୍ଟେଲରେ ପହଞ୍ଚିଲା, ଅନାଥାଶ୍ରମ ପିଲାଙ୍କୁ ଖବର ଦିଆଗଲା। ଘୋଡ଼ାଘାଟପଡ଼ାରୁ ମୁଁ ଓ ରାମ ନାରାୟଣ ମଲିକ ପ୍ରମୁଖ ଛାତ୍ରନେତା ଘଟଣାର ଖବର ନେବାପାଇଁ ବାହାରିଲୁ। ସମସ୍ତେ ମିଶି ଗୋଟେ ନିର୍ଦ୍ଦିଷ୍ଟ ସ୍ଥାନରେ ପୋଲିସ କବଳରୁ ଛାତ୍ରମାନଙ୍କ ମୁକ୍ତି ପାଇଁ ବୈଠକ କଲୁ। ର୍ୟାଲି ହେଲା। ଏ ର୍ୟାଲିର ନେତୃତ୍ୱ ମୋ ହାତରେ ଥାଏ। ସହରର ବିଭିନ୍ନ ସାହି ଓ ଛକ ଦେଇ ଶେଷରେ ଯୁବରାଜ ବୀରପ୍ରତାପ ସିଂଦେଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କଲୁ, ସେ ଆମ ସହିତ ଆଲୋଚନା କଲେ ଓ ଛାତ୍ରମାନଙ୍କୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଲେ। ଏ ଛାତ୍ର ଅଶାନ୍ତି ବିଷୟରେ ସେ ସମୟର 'ଦୈନିକ ଆଶା' ପତ୍ରିକାରେ ଖବର ପ୍ରକାଶ ପାଇଥିଲା। ସେ ସମୟରେ ରାଜାମାନେ ଇଂରେଜ ସରକାରଙ୍କ ଚାପର ବଶବର୍ତ୍ତୀ ହୋଇ ବିଭିନ୍ନ ଲୋକ, ଛାତ୍ରମାନଙ୍କ ପଲିଟିକାଲ ଲିଙ୍କ୍ ସମ୍ପର୍କରେ ଟିକିନିଖି ଖବର ରଖୁଥିଲେ। ସେମାନଙ୍କ ଉଦ୍ଦେଶ୍ୟକୁ ଭଣ୍ଡୁର, ଦମନ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରୁଥିଲେ। ସେହିପରି ଆଉ ଏକ ଘଟଣାକ୍ରମରେ ମୋର ଜଣେ କାକା କଲିକତା ବିଶ୍ୱବିଦ୍ୟାଳୟରେ ପାଠ ପଢୁଥିଲେ। ସେ ଆସିଲାବେଳେ ମୋ ପାଇଁ ଗୋଟେ ସ୍ୱେଟର ଆଣିଥିଲେ, ସେଥିରେ 'ବନ୍ଦେ ମାତରମ' ଲେଖାଥିଲା। ମୁଁ ଖୁସିରେ ସେ ସ୍ୱେଟର ପିନ୍ଧି ସ୍ଥାନୀୟ ରୟାଲ ପଡ଼ିଆକୁ ଫୁଟବଲ ଦେଖିବା ପାଇଁ ଯାଇଥିଲି। ସେଠାରେ ରାଜାଙ୍କ ଦୃଷ୍ଟି ମୋ ସ୍ୱେଟର ଉପରେ ଲେଖାଥିବା 'ବନ୍ଦେ ମାତରମ' ଉପରେ ପଡ଼ିଥିଲା। ରାଜା ମୋ ବିଷୟରେ ଖବର ନେଇ ମୋ ଅଜାଙ୍କୁ ଡକେଇଲେ। ସେତେବେଳେ ବାପା ଓ ଅଜା ଉଭୟ ରାଜକର୍ମଚାରୀ ଥିଲେ। ରାଜା ଅଜାଙ୍କୁ ଡାକି ସେ ସ୍ୱେଟର ବ୍ୟବହାର ନ କରିବା ପାଇଁ କହିଲେ। ୧୯୪୭ ମସିହା ଅଗଷ୍ଟ ପନ୍ଦର ତାରିଖ ଦେଶ ସ୍ୱାଧୀନ ହେବ, ଏ ବାର୍ତ୍ତା କଲିକତାରୁ ରାଜଉଆସରେ ପହଞ୍ଚିଲା। ଏହାସହିତ ସ୍କୁଲମାନଙ୍କରେ ଉତ୍ସବ ପାଳନ ପାଇଁ ମଧ୍ୟ ନିର୍ଦ୍ଦେଶ ରହିଥିଲା। ସେତେବେଳେ ରେଡିଓ, ଟିଭି ସ୍ୱପ୍ନଥିଲା, ସାଧାରଣ ଜନତା କୌଣସି ଖବର ପାଇବା ପାଇଁ ଦିନଦିନ ଧରି ଅପେକ୍ଷା କରୁଥିଲେ। ଆମର ସେତେବେଳେ ମାଟ୍ରିକ ପରୀକ୍ଷା ସରିଥାଏ। ହେଲେ ଆମେ ଛାତ୍ରମାନଙ୍କ ସହିତ ସବୁବେଳେ ସମ୍ପର୍କରେ ଥାଉ। ସକାଳ ପାହିଲେ ସ୍ୱାଧୀନତା ଦିବସ ପାଳନ ହେବ। ହେଲେ ପ୍ରଥମ କରି ତିଆରି ହୋଇଥିବା ଜାତୀୟ ପତାକା, ପୁଣି ତାହା ତ୍ରିରଙ୍ଗ ମିଶ୍ରିତ ମିଳିବ କୋଉଠୁ? ଏଥିପାଇଁ ଭାଲେଣି ପଡ଼ିଥିଲା। ବଡ଼କଷ୍ଟରେ କପଡ଼ା ସଂଗ୍ରହ କରି କିଛି ଛାତ୍ର ପତାକା ତିଆରିରେ ରାତି ତମାମ୍ ବ୍ୟସ୍ତ ରହିଲେ, ଆଉ କେତେକେ ସ୍କୁଲ ସଜେଇବାରେ। ସକାଳ ପାହିଲା ସ୍କୁଲରେ ଛାତ୍ରମାନେ ଏକତ୍ରିତ ହେଲେ, ଉଭୟ ଜାତୀୟ ପତାକା ଓ ସୋନପୁର ଷ୍ଟେଟର ପତାକା ଉତ୍ତୋଳନ ପୂର୍ବକ ଜାତୀୟ ସଂଗୀତ ଗାନ ହୋଇଥିଲା। ସ୍କୁଲର ସମସ୍ତ ଛାତ୍ର ଧାଡିବାନ୍ଧି ସହର ପରିକ୍ରମା କଲେ। ସ୍ଥାନେ ସ୍ଥାନେ ଲୋକ ଜମାହୋଇ ଖୁସି ମନାଉଥାନ୍ତି। ବିଭିନ୍ନ ସାହିରେ ଜାତିପ୍ରେମୀମାନେ ବାଣ ଫୁଟାଇ ମିଠା ବାଣ୍ଟି ନିଜର ଖୁସି ଜାହିର କରୁଥାନ୍ତି। ସମସ୍ତଙ୍କ ମନରେ ଖୁସି, ଦୀର୍ଘବର୍ଷର ସଂଘର୍ଷ ଓ ବଳିଦାନ ପରେ ଆଜି ସ୍ୱାଧୀନତା ପ୍ରାପ୍ତ ହୋଇଛି। ହେଲେ ବଡ଼ ଦୁଃଖ ଲାଗୁଥାଏ ଆମେ ସେତେବେଳେ ୩ ମାସ ପୂର୍ବରୁ ସ୍କୁଲ ଛାଡ଼ିଥିବାରୁ ପ୍ରତ୍ୟକ୍ଷରେ ସ୍ୱାଧୀନତା ଦିବସ ପାଳନ ପର୍ବରେ ଭାଗନେଇ ପାରିଲୁ ନାହିଁ। ହେଲେ ଦର୍ଶକ ହିସାବରେ ସବୁ ଉପଭୋଗ କରିବାର ସୁଯୋଗ ପାଇଥିଲୁ। ଆଜି ବି ସେ ପ୍ରଥମ ସ୍ୱାଧୀନତା ଦିବସ କଥା ମନେପଡ଼ିଲେ ଲୋମ ଟାଙ୍କୁରି ଉଠେ।




ପରାଧୀନ ଭାରତରେ ଜନ୍ମ ହୋଇ ଦେଶର ପରାଧୀନତାକୁ ଦେଖିଥିବା ଏହି ବୟୋଜ୍ୟେଷ୍ଠମାନଙ୍କ ପାଇଁ ସ୍ୱାଧୀନ ଭାରତର ସେଇ ପ୍ରଥମ ଦିନର ଅନୁଭବ ସତରେ କ'ଣ କେବେ ଭୁଲିହେବ।

**–ରୋଜାଲିନ୍ ମହାନ୍ତି**

ସହାୟତା: **ହେମନ୍ତ ନାୟକ, ଶଙ୍କର ବେହେରା, ମନୋରଞ୍ଜନ ପାଣିଗ୍ରାହୀ, ଭାସ୍କର ରାଉତରାୟ**



# ବ୍ୟଙ୍ଗ ନାଟ୍ୟକାର



ଯେଉଁ କେତେଜଣ ପ୍ରଥିତଯଶା ସାହିତ୍ୟିକ ବ୍ୟଙ୍ଗକୁ ବିଶ୍ୱ ସାହିତ୍ୟରେ ଶୀର୍ଷସ୍ଥାନ ଦେବାରେ ସଫଳ ହୋଇଛନ୍ତି ସେମାନଙ୍କ ମଧ୍ୟରେ ଜଣେ ହେଉଛନ୍ତି ଡାରିଓ ଫୋ। ମୂଳତଃ ତାଙ୍କୁ ଇଟାଲୀୟ ଲେଖକ ବୋଲି କୁହାଯାଉଥିଲେ ମଧ୍ୟ ବିଶ୍ୱ ସାହିତ୍ୟ ତାଙ୍କୁ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରେ। ସେ ଥିଲେ ଜଣେ ବହୁମୁଖୀ ପ୍ରତିଭାଧାରୀ ବ୍ୟକ୍ତିତ୍ୱ। ସେ ଏକସଙ୍ଗରେ ଜଣେ ବ୍ୟଙ୍ଗକାର, ନାଟ୍ୟକାର, ମଞ୍ଚ ନିର୍ଦ୍ଦେଶକ, ଅଭିନେତା ତଥା ସଙ୍ଗୀତ ନିର୍ଦ୍ଦେଶକ ଭାବରେ କାମ କରି ସଫଳତା ହାସଲ କରିପାରିଥିଲେ। ତାଙ୍କର ସାର୍ବଜନୀନ ତଥା ବହୁମୁଖୀ ପ୍ରତିଭାକୁ ସମ୍ମାନ ପ୍ରଦର୍ଶନ କରି ୧୯୯୭ରେ ତାଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା।

**ଆରମ୍ଭ ନାଟକରୁ :** ନାଟକରୁ ଆରମ୍ଭ ହୋଇଥିଲା ଡାରିଓ ଫୋ'ଙ୍କ ସାହିତ୍ୟର ପଦଯାତ୍ରା। ସେ ମଞ୍ଚ ନାଟକରେ ହାସ୍ୟରସକୁ ପ୍ରାଧାନ୍ୟ ଦେବାରେ ଥିଲେ ଇଟାଲୀର ପ୍ରଥମ ସ୍ରଷ୍ଟା। ସେତିକି ନୁହେଁ, ସେ ଇଟାଲୀୟ ନାଟକକୁ ସାହିତ୍ୟ ମାନ୍ୟତା ଦେବାରେ ବିଶେଷ ଭୂମିକା ଗ୍ରହଣ କରିଥିଲେ। ସମାଜରେ ଘଟୁଥିବା ନାନାଦି ଘଟଣାକୁ ନେଇ ଡାରିଓ ଫୋ ତାଙ୍କର କଲମକୁ ଗତିଶୀଳ କରାଇଥିଲେ। ବିଶେଷକରି ଅପରାଧ, ରାଜନୀତି, ଦୁର୍ନୀତି, ହତ୍ୟାକାଣ୍ଡ ଆଦି ଥିଲା ତାଙ୍କ ରଚନାର କଞ୍ଚାମାଲ।

**ମିଷ୍ଟେରୋ ବଫୋ :** ଡାରିଓଙ୍କ ନାଟକ ସବୁ ବହୁଭାଷାରେ ଅନୂଦିତ ହୋଇଛି। ତାଙ୍କ ଦ୍ୱାରା ରଚିତ ନାଟକ 'ମିଷ୍ଟେରୋ ବଫୋ'କୁ ଗୋଟିଏ ଉଦାହରଣ ଭାବରେ ନିଆଯାଇପାରେ। ଏହି ନାଟକଟି ଅତିକମ୍‌ରେ ୩୦ ଭାଷାରେ ଅନୁବାଦିତ ହୋଇଛି। ସେତିକିନୁହେଁ ସମଗ୍ର ବିଶ୍ୱରେ ଏହା ବାରମ୍ବାର ମଞ୍ଚସ୍ଥ ତଥା ପ୍ରଶଂସିତ ହୋଇଛି।

**ଗପପ୍ରିୟ :** ଡାରିଓ ପିଲାଟି ବେଳୁ ଥିଲେ ଗପପ୍ରିୟ। ତାଙ୍କର ଅଜା ତାଙ୍କୁ ପ୍ରତିଦିନ ଗପ ଶୁଣାଉଥିଲେ। ୧୯୨୬ ମାର୍ଚ୍ଚମାସ ୨୪ ତାରିଖରେ ଡାରିଓଙ୍କ ଜନ୍ମ। ସ୍ଥାନ – ଲାଗୋ ମାଗିଓରସ୍ଥିତ ସାଙ୍ଗିଆନୋ। ବାପା ଫେଲାଇସ୍ ଫୋ। ଫେଲାଇସ୍ ଥିଲେ ଇଟାଲୀ ଷ୍ଟେଟ୍ ରେଳବାଇର ଜଣେ ଷ୍ଟେଶନ୍‌ମାଷ୍ଟର। ତାଙ୍କର ମାସକୁ ଦୁଇତିନିଥର ବିଭିନ୍ନ ସ୍ଥାନକୁ ବଦଳି ହେଉଥିଲା। ଏତଦ୍‌ବ୍ୟତୀତ ସେ ଥିଲେ ଜଣେ ଅଭିନେତା ଓ ସମାଜସେବୀ। ସେଥିପାଇଁ ଡାରିଓଙ୍କୁ ବିଭିନ୍ନ ସ୍ଥାନରେ ତାଙ୍କର ପ୍ରାଥମିକ ଶିକ୍ଷା ଶେଷ କରିବାକୁ ପଡ଼ିଥିଲା।

**ଦ୍ୱିତୀୟ ବିଶ୍ୱଯୁଦ୍ଧ :** ୧୯୪୦ରେ ଡାରିଓ ବ୍ରେରା ଏକାଡେମୀରେ ସ୍ଥାପତ୍ୟ ବିଦ୍ୟା ବିଭାଗରେ ନାମ ଲେଖାଇଲେ। ସେତିକିବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଗଲା। ଡାରିଓ ଯୁଦ୍ଧରେ ସାମିଲ ହେଲେ। ବିଶ୍ୱଯୁଦ୍ଧ ସରିବା ବେଳକୁ ଡାରିଓ ବିପକ୍ଷ ଦଳ ଦ୍ୱାରା ବନ୍ଦୀ ହେଲେ। ଅବଶ୍ୟ ଖୁବ୍‌ଶୀଘ୍ର ସେ ମୁକ୍ତ ହୋଇଥିଲେ। ଯୁଦ୍ଧ ପରେ ସେ ପୁଣିଥରେ ତାଙ୍କର ସ୍ଥାପତ୍ୟ ପଢ଼ା ଆରମ୍ଭ କଲେ।


**ପାଠପଢ଼ା ଓ ମଞ୍ଚ :** ପାଠପଢ଼ିବା ସମୟରୁ ସେ ମଞ୍ଚ ନାଟକ ପ୍ରତି ଆକୃଷ୍ଟ ହୋଇ ପଡ଼ିଥିଲେ। ପ୍ରଥମେ ସେ ଅଳ୍ପ ପରିଚିତ ମଞ୍ଚସବୁରେ ଅଭିନୟ କରୁଥିଲେ। ସେଥିପାଇଁ ନାଟକ ଲେଖୁଥିଲେ। ୧୯୫୦ରେ ସେ ପ୍ରସିଦ୍ଧ ଫ୍ରାଙ୍କୋ ପାରେଣ୍ଟି ଥିଏଟର ସହ ସଂଶ୍ଳିଷ୍ଟ ହେଲେ। ସେ ଏଭଳି ଭାବରେ ନାଟକପ୍ରାଣ ଥିଲେ ଯେ, ଚାକିରି ଛାଡ଼ିବାକୁ କୁଣ୍ଠାବୋଧ କରି ନ ଥିଲେ। ଅବଶ୍ୟ ପରିବାର ପକ୍ଷରୁ ତୀବ୍ର ବିରୋଧ ଉଠିଥିଲା। ମାତ୍ର ଶେଷରେ ନାଟକ ହିଁ ଜିତିଥିଲା। ଅର୍ଥାତ୍, ସେ ନାଟ୍ୟସଂଘ ସହିତ ସ୍ଥାୟୀ ଭାବରେ ଜଡ଼ିତ ହୋଇଗଲେ।

**ପ୍ରେମ ଓ ବିବାହ :** ନାଟକ ବ୍ୟତୀତ ଡାରିଓଙ୍କର ଆଉ ଜଣେ ଥିଲେ ନିହାତି ନିଜର। ସେ ହେଉଛନ୍ତି ଫ୍ରାଙ୍କା ରେମ୍। ଫ୍ରାଙ୍କୋ ପାରେଣ୍ଟି ମଞ୍ଚରେ ଉଭୟ ଡାରିଓ ଏବଂ ଫ୍ରାଙ୍କା ପରସ୍ପରକୁ ଭେଟିଥିଲେ। ସେମାନଙ୍କର ପ୍ରେମ ସମ୍ବନ୍ଧ ଥିଲା ଅତି ଗଭୀର। ହେଲେ ସେମାନଙ୍କର ପ୍ରେମ ସଫଳ ହେବନାହିଁ ବୋଲି ଅନେକଙ୍କର ଧାରଣା ଥିଲା। କାରଣ ଫ୍ରାଙ୍କା ଜଣେ କୋଟିପତିଙ୍କର କନ୍ୟାଥିବା ବେଳେ ଡାରିଓ ଥିଲେ ଜଣେ ସାଧାରଣ ଅଭିନେତା ଓ ଲେଖକ। ତେବେ ସମସ୍ତଙ୍କ କଳ୍ପନାଜଳ୍ପନାକୁ ଭୁଲ୍ ପ୍ରମାଣିତ କରି ଉଭୟ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ।

**ନ୍ୟାଶନାଲ ରେଡିଓରେ ଗପ:** ଆକସ୍ମିକ ଭାବରେ ଇଟାଲୀର ନ୍ୟାଶନାଲ୍ ରେଡ଼ିଓ ପକ୍ଷରୁ ଡାରିଓଙ୍କୁ ଏକ ଆମନ୍ତ୍ରଣ ପତ୍ର ମିଳିଲା। ଉଦ୍ଦେଶ୍ୟ ଥିଲା ଗପ ପଢ଼ିବା। ଅବଶ୍ୟ ପ୍ରଥମେ ଏହାକୁ ନେଇ ଡାରିଓ ଚିନ୍ତିତ ଥିଲେ। ମାତ୍ର ଏହା ହିଁ ତାଙ୍କୁ ଜଣେ ନାଟ୍ୟକାର ତଥା ଅଭିନେତାରୁ ସାହିତ୍ୟିକକୁ ରୂପାନ୍ତରିତ କରିଦେଇଥିଲା। ରେଡିଓରେ ସେ ୧୮ଗୋଟି ଗପ ପଢ଼ିଥିଲେ। ଏହି ଗପ ସବୁରେ ଥିଲା ସାମାଜିକ ଘଟଣା ତଥା ଅଘଟଣର ବାର୍ତ୍ତା। ପୁଣି ଗପ ସବୁକୁ ସେ ବାଇବେଲରୁ ସଂଗ୍ରହ କରି ତାହାକୁ ସାମାଜିକ ଚିତ୍ର ସହିତ ଯୋଡ଼ି ଦେଇଥିଲେ; ଯାହା ତାଙ୍କ ସାହିତ୍ୟ ସମାଲୋଚକଙ୍କ ନିକଟରେ ବହୁଭାବରେ ପରିଚିତ କରାଇବାରେ ସଫଳ ହୋଇଥିଲା।

୨୦୧୬ ମସିହା ଅକ୍ଟୋବର ୧୬ ତାରିଖରେ ଏହି ପ୍ରତିଭାଧର ବ୍ୟକ୍ତିତ୍ୱଙ୍କ ଦେହାନ୍ତ ଘଟିଥିଲା।









# ଛୁରାଘାତ

– ହରେକୃଷ୍ଣ ଦାସ

**ଫେ**ସ୍‌ବୁକ୍‌ରେ ପୋଷ୍ଟ ହୋଇଥିବା ଗୋଟେ ଫଟୋ ଦେଖିବାକୁ ଝିଅକୁ ଡାକି କହିଲି– 'ଦେଖଲୋ ଝିଅ ! ଗୋଟେ ମଜାଦାର ଫଟୋ । ତା' ସାଙ୍ଗକୁ ଆହୁରି ମଜାଦାର ଲେଖା ।'

ଫଟୋରେ ଜଣେ (ଭଦ୍ର ?) ବ୍ୟକ୍ତି କୋଟ୍, ଟୋପି ପିନ୍ଧି ଚେୟାରରେ ବସିଛି । ତା' ପିଠିରେ ଏକାଧିକ ଛୁରି ଲାଗିଛି । ଲୋକଟାର ମନୋଲଗ୍‌ରେ ଲେଖା ହୋଇଛି, ମୋ ପିଠିରୁ ବାହାର କରି ଛୁରିଗୁଡ଼ାକ ଯେତେବେଳେ ଗଣିଲି, ଠିକ୍ ସେତିକିଟା ଥିଲା ଯେତିକି ଲୋକଙ୍କୁ ମୁଁ ନିଜର ଭାବି ଆଲିଙ୍ଗନ କରିଥିଲି ।

ଫଟୋ ଦେଖି ଓ ଲେଖାଟା ପଢ଼ିସାରି ମୋ ମୁହଁକୁ ଚାହିଁ ଝିଅ ଭ୍ରୂକୁଞ୍ଚନ କଲା । କହିଲା– 'ପାପା ! ଏମିତି ଗୋଟେ ଅଜବ ପୋଷ୍ଟକୁ ତମେ କେମିତି ଏଞ୍ଜୟ କରୁଛ ?'

''କାହିଁକି ? କ'ଣ ଅସୁବିଧା ହେଲା ?'' ମୋର ପ୍ରଶ୍ନ ।

''ଲୋକଟା ବଡ଼ ବିଚିତ୍ର । ତା' ପିଠିରେ ତ ଛୁରିଗୁଡ଼ାକ ଫେଭିକଲ୍‌ରେ ଲଗାହେଇଛି । ନ ହେଲେ ସତକୁସତ ଏତେ ଛୁରିଭୁସା ହୋଇଥିଲେ ସିଏ କ'ଣ ବଞ୍ଚିଥାନ୍ତାଯେ ଦାର୍ଶନିକ ଭଳିଆ ଭାଷଣ ମାରିଥାନ୍ତା ?'' ଝିଅ କହି ଚାଲୁଥିଲା– 'ଗୋଟାଏ ଛୁରିଭୁସାରେ ତ ସଫା ; ଲୋକଗୁଡ଼ାକ ତା' ପିଠିରେ ଏମିତି ଛୁରି କ୍ରାଫ୍ଟ କାଇଁକି କରୁଥିଲେ ? ତା'ଛଡ଼ା ସତରେ ଯଦି ଛୁରି ଭୁସା ଯାଇଥାଏ, ତେବେ ପ୍ରଥମ ମାଡ଼ରୁ ତ ଲୋକଟା ସାଇଜ୍ ହେଇଯିବା କଥା । ତା' ନ ହୋଇ କ'ଣ ପାଇଁ ଅନ୍ୟମାନଙ୍କୁ ବାରମ୍ବାର ଆଲିଙ୍ଗନ କରି ଚାଲିଥିଲା ? ଖାଲି କ'ଣ ଛୁରିସଂଖ୍ୟା ଗଣିବାକୁ ବଞ୍ଚି ରହିଛି ? ମୂର୍ଖ କୋଉଠିକାର ! ଆହାଃ, ବିଚରାର ନିଜର ବୋଲି ଏ ଦୁନିଆରେ କେହି ବି ନାହାନ୍ତି, ନା ! ପୋଅର, ହୋପ୍‌ଲେସ୍ ଫେଲୋ ! ଆଇ ଡୋଣ୍ଟ ଲାଇକ୍ ଇଟ୍ !'

*– ଅଧ୍ୟାପକ, ଇଂରାଜୀ ବିଭାଗ*
*ନିଆଳି କଲେଜ, ନିଆଳି, କଟକ*

# ଉତ୍କୀର୍ଣ୍ଣ

– ଶରତ ଦାଶ

**ଶୀ**ତ ରାତିରେ ନିଆଁ ତାତିରେ
ବସିଲେ ଲାଗେ ଭଲ
ତୁମ ପାଶରେ ବସିଲେ ସଖୀ
ମନରେ ଫୁଟେ ଫୁଲ ।।

ମଲ୍ଲୀ ମହକ ବାସ୍ନା ଦହକ
ହୃଦୟେ ଗଲେ ଭରି
ପୁଲକ କେତେ ଆସେ ତ୍ୱରିତେ
ଶରୀର ଯାଏ ଥରି ।।

ଭାବିଲେ ତୁମ କଥା ସଜନୀ
ରଜନୀ ପାହେ ନାହିଁ
ବିରହେ ଜଳେ ସାରା ଶରୀର
ପରଶ ଟିକେ ପାଇଁ ।।

ନୂପୁର ଶବ୍ଦ ଶୁଣିବା ପାଇଁ
ଉତ୍କୀର୍ଣ୍ଣ ହୁଏ କର୍ଣ୍ଣ
ଆସିବ ବୋଲି କରେ ପ୍ରତୀକ୍ଷା
ବିତଇ ରାତି ଦିନ ।।

ଆଉ କି ସତେ ପାଇବି ଦେଖା
ଆସିବ ତୁମେ ଥରେ
ପ୍ରଣୟ ଭର୍ତ୍ତି କଳସୀ କାଖେ
ଅଳସୀ ନଦୀ ତୀରେ ।।

ବିଷାଦ ଭିଜା ଜୀବନେ ସିଞ୍ଚି
ଆଶା ଶୀତଳ ଜଳ
କେବେ ପ୍ରେୟସୀ ଆସିବ ହସି
କରିବ ପ୍ରେମେ କୋଳ ।।

– ଭୁବନେଶ୍ୱର

# କବିତା

– ଗଣେଶ ବାରିକ୍

**ତ**ମେ ଏମିତି ମୋର କିଏ କି ?

କାହିଁକି ଚାଲିଆସ ମତେ ନ ଜଣାଇ
ମୋ ଭିତରକୁ
ଆଉ ଅଚାନକ ଚମକାଇ ଦେଇ
ଚାଲିଯାଅ ଆଉ ଏକ ପୃଥିବୀକୁ,

ତମକୁ,
ଧରି ବି ହୁଏନା କି ଛୁଇଁ ବି ହୁଏନା
କେବେ ବାଥ୍‌ରୁମ୍‌ରେ ତ
କେବେ ବେଡ୍‌ରୁମରେ
ନା ଦିନ
ନା ରାତି
କିଏ ତମେ ?

ତମେ ତ ନୁହଁ ମୋର ପ୍ରେମିକା
ନୁହେଁ ବି ମୋର ପ୍ରିୟ ଗାୟିକା
କାହିଁ ଆସି ଗାଇଯାଅ
ଏତେ ମିଠାମିଠା ଗୀତ ।

ଆଖି ନାହିଁ, କାନ ନାହିଁ
ହାତ ନାହିଁ, ଗୋଡ଼ ନାହିଁ
ମୁହଁ ନାହିଁ, ଦେହ ନାହିଁ
ତଥାପି ତମେ ଏତେ ଭଲପାଅ କାହିଁ ?

ବୁଝାପଡ଼େନି,
ମୋ ଛାଇ ଭଳି ଛପିଛପି ରୁହ
ତୁମେ ମୋରି ଭିତରେ...

ତମକୁ ତମ ବିଷୟରେ ପଚାରିଲେ
ନ କହି ଚାଲିଯାଅ କିଆଁ
କହିବ କି ଥରେ ମତେ
ତମ ନାଁ... ଗାଁ... ଠିକଣା...

*– ଦର୍ଶନଶାସ୍ତ୍ର ବିଭାଗ, ରାଜେନ୍ଦ୍ର*
*କଲେଜ, ବଲାଙ୍ଗୀର–୨*



# ପ୍ରେମ

– ପବିତ୍ର ବ୍ରହ୍ମପୁତ୍ର ନାୟକ

**ତ**ମେ ଦିଅ
ମୁଁ ନିଏ
ପ୍ରେମ
ଯାହା ଦେଇପାରେନା
ବୁଢ଼ା ବରଗଛ
ହଳେ ଆଖି ହରେଇଥିବା ପକ୍ଷୀକୁ ।

ତମେ ଦିଅ
ମୁଁ ନିଏ
ପ୍ରେମ
ଯାହା ଦେଇପାରେନା
ବୁଢ଼ା କଣ୍ଟ୍ରାକ୍ଟର
ସିର୍ ସିର୍ ହେଇ ବହିଯାଉଥିବା ପବନକୁ ।

ତମେ ଏମିତି କ'ଣ ଦିଅ କି ?
କେତେବେଳେ ହଳେ ଫଟୋ
କେତେବେଳେ ଗୁଡ୍ ମର୍ନିଂ ଷ୍ଟିକର୍ ।

*– କେନ୍ଦ୍ରାପଡ଼ା–୨୫*





# ଆଶା ପୂରଣ ହେଲା

ଯାମି ଗୌତମ ଏବେ ବେଶ୍ ଖୁସୀ। କାରଣ ଯେଉଁ ସିନେମାକୁ ନେଇ ବେଶ୍ କିଛି ଆଶା ଥିଲା, ତାହା ଆଶାନୁରୂପ ବିଜନେସ କରିଛି। ରିଲିଜ୍ ହେବାର ପ୍ରଥମ ସପ୍ତାହରେ ୫୦କୋଟିରୁ ଊର୍ଦ୍ଧ୍ୱ ବିଜନେସ କରିଛି। ଉକ୍ତ ସିନେମାଟି ହେଲା 'ଉରି : ଦ ସର୍ଜିକାଲ ଷ୍ଟ୍ରାଇକ୍'। ଚଳିତ ମାସ ୧୧ରେ ଫିଲ୍ମଟି ପରଦା ଉପରକୁ ଆସିଥିଲା। ଆକ୍ସନଭିତ୍ତିକ ଏହି ହିନ୍ଦୀ ଫିଲ୍ମର କାହାଣୀ ରଚନା ସହ ନିର୍ଦ୍ଦେଶନା ଦେଇଛନ୍ତି ଆଦିତ୍ୟ ଧର। ଯାମିଙ୍କ ବ୍ୟତୀତ ଏଥିରେ ଭିକି କୌଶଲ, ପରେଶ ରାଓ୍ବଲ, ମୋହିତ ରାଇନା, କୀର୍ତ୍ତି କୁଲହାରି ପ୍ରମୁଖ ଅଭିନୟ କରିଛନ୍ତି। ଏ ସମ୍ପର୍କରେ ଯାମି କୁହନ୍ତି, 'ଫିଲ୍ମର ଶୁଟିଂ ପୂର୍ବରୁ ଯେତେବେଳେ ଏହାର କାହାଣୀ ବିଷୟରେ ଅବଗତ ହେଲି ସେତେବେଳେ ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। ରିଲିଜ୍ ପରେ ଦର୍ଶକ ବି ଏହାକୁ ବେଶ୍ ପସନ୍ଦ କରୁଛନ୍ତି। ଏହି ଫିଲ୍ମ ଦେଖିଲା ପରେ ଦର୍ଶକଙ୍କ ମନରେ ଭାରତୀୟ ସେନା ପ୍ରତି ସମ୍ମାନ ବଢୁଛି। ୧୩୮ ମିନିଟ୍ ଅବଧି ବିଶିଷ୍ଟ ଏହି ଫିଲ୍ମର ପ୍ରଯୋଜନା କରିଛନ୍ତି ରୋନି ସ୍କ୍ରୁଓ୍ବାଲା। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଶାଶ୍ୱତ ସଚ୍ଚଦେବ।


ନର୍ଗିସ


ଯାମି

# ସତ ନୁହେଁ ଗୁଜବ

ନର୍ଗିସ ଫକ୍ରିଙ୍କୁ ସତେଯେମିତି ଟେନ୍‌ସନ ଛାଡ଼ିବାକୁ ନାରାଜ। ଦେଖୁନାହାନ୍ତି, କେମିତି ଗୋଟିଏ ପରେ ଗୋଟିଏ କଥାକୁ ନେଇ ସେ ସଫେଇ ଦେବାରେ ଲାଗିଛନ୍ତି। ନିକଟରେ ଏକ ପ୍ରୋଗ୍ରାମକୁ ସେ ଢିଲା ପୋଷାକ ପିନ୍ଧି ଯାଇଥିଲେ। ବାସ୍ ତାକୁ ଦେଖି ଆରମ୍ଭ ହୋଇଗଲା ଆଲୋଚନା। ଏବେ ସେ କୁଆଡ଼େ ପ୍ରେଗ୍‌ନେଣ୍ଟ ଅଛନ୍ତି। ଆଉ ଏ କଥା ଶୁଣିବା ପରେ ନର୍ଗିସ ରାଗି ନିଆଁବାଣ। କିଏ ଏଭଳି ଅପପ୍ରଚାର କରୁଛି, ମୁଁ ଜାଣିନି କହି ସେମାନଙ୍କୁ ଭଲ ରକମ ଶୁଣାଇଛନ୍ତି। ସେ କହନ୍ତି, 'ପ୍ରଥମ କଥା ହେଲା ମୁଁ ଏବେ ପ୍ରେଗ୍‌ନେଣ୍ଟ ନାହିଁ। କେହି ମୋତେ ବଦ୍‌ନାମ କରିବାକୁ ଏଭଳି ମିଥ୍ୟା ପ୍ରଚାର କରୁଛି। ଏବେ ଏଭଳି କୌଣସି ଯୋଜନା ନାହିଁ।' ନର୍ଗିସ ପ୍ରେଗ୍‌ନେଣ୍ଟ ହେବା କଥାକୁ ନେଇ ୨୦୧୭ରେ ବେଶ୍ ଚର୍ଚ୍ଚା ହୋଇଥିଲା। କିନ୍ତୁ ପରେ ଜଣାପଡିଥିଲା ଯେ ଏହା ଏକ ଗୁଜବ।



# ଟୋଟାଲ ଧମାଲ

ପୁଣିଥରେ ଏକ କମେଡି ଫ୍ଲେଭର ନେଇ ବଡ଼ ପରଦା ଉପରକୁ ଆସୁଛନ୍ତି ଅଜୟ ଦେବଗନ। ଆକ୍ସନରୁ ସେ ଆରମ୍ଭ କରିଥିଲେ ନିଜ କ୍ୟାରିୟର। ଗତ କିଛିବର୍ଷ ହେଲା ସେ ବେଶ୍ କେତୋଟି କମେଡିଭିତ୍ତିକ ଫିଲ୍ମରେ ଅଭିନୟ କରି ଜଣେ କମେଡିଆନ୍ ଭାବରେ ଦର୍ଶକଙ୍କ ମନ ଜିଣିପାରିଛନ୍ତି। ଚଳିତ ବର୍ଷ ଫେବୃୟାରୀ ୨୨ରେ ରିଲିଜ୍ ହେଉଛି 'ଟୋଟାଲ ଧମାଲ'। ଏଥିରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଅଜୟ। 'ଏହି ଫିଲ୍ମର କାହାଣୀ ଫାଇନାଲ ହେବା ପରେ ତାହାକୁ କିପରି ଭାବରେ ପ୍ରେଜେଣ୍ଟ କରାଯିବ ସେନେଇ ଏହାର ନିର୍ଦ୍ଦେଶକ ଇନ୍ଦ୍ର କୁମାର ଶତପ୍ରତିଶତ ଅଣ୍ଟା ଭିଡିବାକୁ ପ୍ରତିଶ୍ରୁତି ଦେଇଥିଲେ। କେବଳ ସେ ନୁହନ୍ତି, ୟୁନିଟ୍‌ର ସବୁ ସଦସ୍ୟ ନିଜ ନିଜ କାମ ଠିକ୍ ଭାବରେ ସମ୍ପାଦନ କରିଛନ୍ତି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ ବୋଲି କହିଛନ୍ତି ଅଜୟ। ଅଜୟ ଦେବଗନ ଫିଲ୍ମସ, ମାରୁତି ଇଣ୍ଟରନ୍ୟାଶନାଲ, ଫକ୍ସ ଷ୍ଟାର ଷ୍ଟୁଡିଓ, ପେନ୍ ଇଣ୍ଡିଆ ଲିମିଟେଡ୍, ମଙ୍ଗଳ ମାରୁତି ଫିଲ୍ମ ବ୍ୟାନରରେ ନିର୍ମିତ ଏହି ଫିଲ୍ମରେ ଅଜୟଙ୍କ ବ୍ୟତୀତ ଅନିଲ କପୁର, ମାଧୁରୀ ଦୀକ୍ଷିତ, ଅର୍ସଦ ଓ୍ବାର୍ସି, ରିତେଶ ଦେଶମୁଖ ଏବଂ ଜାଭେଦ ଜାଫ୍ରି ଅଭିନୟ କରିଛନ୍ତି।


ଅଜୟ

# ସୋନମ୍‌ଙ୍କ ପରେ ରିୟା

ଅନିଲ ତନୟା ସୋନମ୍ କପୁର ଗତବର୍ଷ ତାଙ୍କ ପ୍ରେମିକ ଆନନ୍ଦ ଆହୁଜାଙ୍କୁ ମ୍ୟାରେଜ କରିଥିଲେ। ଏବେ ସେହି ପଦାଙ୍କ ଅନୁସରଣ କରିବାକୁ ଯାଉଛନ୍ତି ତାଙ୍କର ସାନଭଉଣୀ ରିୟା। ସୋନମ୍ ଅଭିନୟ ସହ ଜଡ଼ିତ ଥିବା ବେଳେ ରିୟା ଫିଲ୍ମ ପ୍ରଯୋଜନାରେ ବ୍ୟସ୍ତ। ତେବେ ଖୁବ୍‌ଶୀଘ୍ର ସେ ପ୍ରେମିକ କରନ୍ ବୁଲାନିଙ୍କୁ ବିବାହ କରିବାକୁ ଯାଉଛନ୍ତି ବୋଲି ତାଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଗତ କିଛି ବର୍ଷ ହେଲା ଅନିଲଙ୍କ ପରିବାର ସହ କରନଙ୍କ ସମ୍ପର୍କ ବେଶ୍ ନିବିଡ଼। ଏହି ବିବାହ ସମ୍ପର୍କରେ ରିୟା କହନ୍ତି, 'ମୋ ଚଏସ୍‌କୁ ପରିବାର ସଦସ୍ୟମାନେ ଗ୍ରହଣ କରିଛନ୍ତି ତାହା ବଡ଼ କଥା। କରନ୍‌ଙ୍କୁ ମୋ ପରିବାର ଲୋକମାନେ ଭଲ ଭାବରେ ଜାଣନ୍ତି। ଆମର ପ୍ରେମ ବିବାହର ରୂପ ନେଉଛି ତାହା ଜାଣିବା ପରେ ମୋର ଖୁସି କହିଲେ ନ ସରେ।' ତେବେ ଏହି ବିବାହ ଚଳିତ ବର୍ଷ ମଧ୍ୟଭାଗରେ ହେବ ବୋଲି ଶୁଣିବାକୁ ମିଳୁଛି।



# ନମ୍ରତାଙ୍କ ମନକଥା

ପିଲାଟି ଦିନରୁ ତାଙ୍କର ଅଭିନୟ ପ୍ରତି ଆଗ୍ରହ ଥିଲା। 'ମିଠା ମିଠା' ରିୟଲିଟି ଶୋ'ରେ ଅଂଶଗ୍ରହଣ କରି ଟପ୍–୫ରେ ଅନ୍ତର୍ଭୁକ୍ତ ହେବା ପରେ ତାଙ୍କର ଏହି ଆଶା ଦ୍ୱିଗୁଣିତ ହୋଇଯାଇଥିଲା। ତା'ପରେ ତାଙ୍କୁ ମିଳିଥିଲା ବଡ଼ ପରଦାରେ ସୁଯୋଗ। ଚଳଚ୍ଚିତ୍ରଟି ଥିଲା 'ଆଖି ଖୋଲିଲେ ତୁ : ତୁ ହି ତୁ'। ଆଉ ସେ ନାୟିକା ଜଣକ ଥିଲେ 'ନମ୍ରତା ସିଂଦେଓ। ରଣପୁର ରୟାଲ ପରିବାରର ଅନ୍ୟତମ ବଂଶଧର ତଥା ଢେଙ୍କାନାଳରେ ଜନ୍ମିତ ଏହି ନବାଗତା ଏବେ ତାଙ୍କର ଦ୍ୱିତୀୟ ସିନେମା 'ଆସିବି ଫେରି ମୁଁ ବସୁଧା ଚିରି'ର ଶୁଟିଂ ଶେଷ କରିଛନ୍ତି। ନିଜ କ୍ୟାରିୟର ସମ୍ପର୍କରେ ନମ୍ରତା କହନ୍ତି, 'ତୋ ପାଇଁ ଫେରିବି ବସୁଧା ଚିରି'ରେ ମୋତେ ଏକ ଭିନ୍ନ ଧରଣର ଭୂମିକା ମିଳିଛି। ଏପରି ଏକ ସ୍ପେଶାଲ ରୋଲ୍ ମୋ କ୍ୟାରିୟରକୁ ମାଇଲେଜ୍ ଦେବ ବୋଲି ଆଶା ରଖିଛି। ଏହି ଫିଲ୍ମରେ ମୋତେ ନେଇ ପାଞ୍ଚଟି ଗୀତର ପିକ୍ଚରାଇଜେଶନ କରାଯାଇଛି। ମୁଁ କେବଳ ଗୋଟିଏ ଚରିତ୍ରରେ ବାନ୍ଧି ହୋଇ ରହିବାକୁ ଚାହେଁନାହିଁ, ଭିନ୍ନ ଭିନ୍ନ ଭୂମିକା ମିଳିଲେ ମୁଁ ତାକୁ ସ୍ୱାଗତ କରିବି।' ଅଭିନୟ ବ୍ୟତୀତ ସେ କେତୋଟି ବିଜ୍ଞାପନ ପାଇଁ ମଧ୍ୟ କାମ କରିଛନ୍ତି। କେବଳ ସେତିକି ନୁହେଁ, ଯଦି ସୁଯୋଗ ମିଳେ ତେବେ ତେଲୁଗୁ କିମ୍ବା ତାମିଲ ଫିଲ୍ମରେ ଅଭିନୟ କରିବାକୁ ଆଶା ରଖିଛନ୍ତି ସେ। ନମ୍ରତା ବର୍ତ୍ତମାନ ଭୁବନେଶ୍ୱରସ୍ଥ ଉତ୍କଳ ବିଶ୍ୱବିଦ୍ୟାଳୟରେ ଏମ୍‌ବିଏ ଛାତ୍ରୀ। ତାଙ୍କ ଅଭିନୀତ 'ଆସିବି ଫେରି ମୁଁ ବସୁଧା ଚିରି'ର ନିର୍ଦ୍ଦେଶନା ସଞ୍ଜୟ ନାୟକ ଦେଇଥିବା ବେଳେ ଚନ୍ଦନ କର, ଶ୍ରୀତମ ଦାସ, ପ୍ରେମାଞ୍ଜନ ପରିଡା, ବିଜୁ ବଡ଼ଜେନା ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

# ଏଥର ବରୁଣ-ସାରା ଯୋଡ଼ି

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢାଳିବା। ଷ୍ଟାର କିଡ୍ ସାରା ଅଲ୍ଲୀ ଖାଁଙ୍କ ଖୁସି ଏବେ କହିଲେ ନ ସରେ। ପ୍ରଥମ ସିନେମା 'କେଦାରନାଥ' ପରେ ନିକଟରେ ରୋହିତ ସେଟ୍ଟିଙ୍କ 'ଶିମ୍ବା' ବକ୍ସ ଅଫିସରେ ଭଲ କଲେକ୍‌ଶନ କରିଛି। ଏବେ ତାଙ୍କ ପାଇଁ ଆଉ ଏକ ଖୁସି ଖବର। ବଲିଉଡ୍‌ର ଅନ୍ୟତମ ନାମୀ ନିର୍ଦ୍ଦେଶକ ଡେଭିଡ ଧାଓ୍ବନଙ୍କ ଆଗାମୀ ଫିଲ୍ମରେ ସେ ଅଭିନୟ କରିବାକୁ ଯାଉଛନ୍ତି। ଶୁଣିବାକୁ ମିଳୁଛି, ଅଫରଟି ପାଇବା ପରେ ସେ ଏତେ ଖୁସି ହୋଇଯାଇଥିଲେ ଯେ ପାରିଶ୍ରମିକ ପ୍ରତି ଗୁରୁତ୍ୱ ନ ଦେଇ ହଁ ଭରିଥିଲେ। କଥା କ'ଣ କି, ଡେଭିଡ୍‌ଙ୍କ ଅନ୍ୟତମ ହିଟ୍ ଫିଲ୍ମ ତଥା ଗୋବିନ୍ଦା–କରିସ୍ମା କପୁରଙ୍କ ଅଭିନୀତ 'କୁଲି ନମ୍ବର ଓ୍ବାନ୍'ର ରିମେକ୍ ପାଇଁ ଯୋଜନା କରୁଛନ୍ତି ସେ। ଏହି ରିମେକ୍ ଫିଲ୍ମରେ କରିସ୍ମାଙ୍କ ଭୂମିକାରେ କିଏ ଅଭିନୟ କରିବ ସେନେଇ ଅଡୁଆରେ ପଡିଥିଲେ ଡେଭିଡ। ହେଲେ ସେତିକି ବେଳକୁ ତାଙ୍କ ପୁଅ ତଥା ଅଭିନେତା ବରୁଣ ଏହି ସମସ୍ୟାର ସମାଧାନ କରିଦେଇଥିଲେ। ଏପରି ଭୂମିକା ପାଇଁ ସାରା ହିଁ ଫିଟ୍ ବୋଲି କହିବା ପରେ ଏହାକୁ ଗ୍ରୀନ୍ ସିଗ୍‌ନାଲ ଦେଖାଇଥିଲେ ଡେଭିଡ୍। ଖାସ୍ କଥା ହେଲା, ହୋମ୍ ବ୍ୟାନର ଓ୍ବାନ୍ ଏଣ୍ଟରଟେନ୍‌ମେଣ୍ଟରେ ଏହି ଫିଲ୍ମର ନାୟକ ଭୂମିକାରେ ଅଭିନୟ କରିବେ ବରୁଣ।


ସାରା–ବରୁଣ




ତବଲା ତଥା ସରୋଦ ବାଦକ **ଡ. ସନ୍ଦୀପ ରାଉତ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ପ୍ରଥମ ଦରମା ଅନାଥାଶ୍ରମକୁ ଦାନ କରିଥିଲି

ବାଲେଶ୍ୱରରେ ମୋର ଜନ୍ମ। ପିଲାଦିନେ ଆମ ଘରେ ଏକ ନାଲ୍ (ଏକ ବାଦ୍ୟଯନ୍ତ୍ର)ଥିଲା, ଯାହାକୁ ମୁଁ ବଜାଉଥିଲି। ବାପା ବେଣୁଧର ରାଉତ ଜଣେ ବୈଜ୍ଞାନିକ ହୋଇ ବି କଳା ପ୍ରତି ତାଙ୍କର ଅନୁରାଗିତା ଥିଲା। ସେଥିପାଇଁ ହୁଏତ ମୋ ଭିତରେ କିଛି ପ୍ରତିଭା ଥିବା ଅନୁମାନ କରି ଗୁରୁ ପଞ୍ଚାନନ ତରେଇଙ୍କଠାରୁ ତବଲାରେ ମୋର ଘରୋଇ ଶିକ୍ଷା ଆରମ୍ଭ କରାଇଥିଲେ। କିଛିଦିନ ପରେ ସ୍ଥାନୀୟ 'ସାଇ କଳା ମନ୍ଦିର'ରେ ନାଁ ଲେଖାଇ ସେଠାରୁ ଗୁରୁ ବାମଦେବ ପ୍ରଧାନ ଓ ଶ୍ରୀନିବାସ ପରିଡାଙ୍କଠାରୁ ଆନୁଷ୍ଠାନିକ ତବଲା ଶିକ୍ଷା ଗ୍ରହଣ କଲି। ଏମିତିରେ ବାଲେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟରୁ ଦଶମ ପାସ୍ କରିବା ପରେ ଭୁବନେଶ୍ୱରସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଆସି ପଢ଼ିଲି। ତବଲା ଶିକ୍ଷାରେ ଏଠାରେ ବି ମୋର ୩ ଜଣ ଗୁରୁ ହେଲେ, ଯଥା: ଗୁରୁ କୁଳମଣି ଜେନା, ପଣ୍ଡିତ ଉମେଶ ଚନ୍ଦ୍ର କର, ପଣ୍ଡିତ ହରମୋହନ ଖୁଣ୍ଟିଆ। ଏଠାରୁ ତବଲାରେ ଯୁକ୍ତ ୨, ଯୁକ୍ତ ୩ ଓ ପିଜି ପଢ଼ା ସରିବା ପରେ ମୁଁ ୟୁଜିସିର ନେଟ୍ ପରୀକ୍ଷା ଦେଲି। ସେଥିରେ ବି ସଫଳତା ପାଇବାରୁ ଜୁନିୟର ରିସର୍ଚ୍ଚ ଫେଲୋଶିପ୍ ପାଇଲି ଆଉ ବାଣୀବିହାରରେ ତବଲାରେ ପିଏଚ୍‌ଡି ପାଇଁ ରେଜିଷ୍ଟ୍ରେଶନ୍ କଲି। ରିସର୍ଚ୍ଚ ପାଇଁ ଏହି ସମୟରେ ମୋତେ କୋଲକାତାସ୍ଥିତ ଆଇଟିସି ସଙ୍ଗୀତ ରିସର୍ଚ୍ଚ ଏକାଡେମୀକୁ ବାରମ୍ବାର ଯିବାକୁ ପଡୁଥିଲା। ସେଠାରେ ତବଲା ଉପରେ ଅଧିକ ଶିକ୍ଷା ଗ୍ରହଣ କରିବା ସହ କ୍ରମେ ଗୁରୁ ପଣ୍ଡିତ ସୁନୋଦ ମୁଖାର୍ଜୀ (ଯିଏ କି ଉସ୍ତାଦ ଅମଜାଦ୍ ଅଲୀ ଖାଁଙ୍କର ଯୋଗ୍ୟତମ ଶିଷ୍ୟ)ଙ୍କଠାରୁ ସରୋଦ (ଏକ ବାଦ୍ୟଯନ୍ତ୍ର) ଶିଖିଲି। କିଛିଦିନ ଏମିତି ଯିବା ପରେ ୟୁନିଟ୍-୯ କେନ୍ଦ୍ରୀୟ ବିଦ୍ୟାଳୟରେ ପ୍ରାୟ ୬ ମାସ ଅତିଥି ଶିକ୍ଷକ ଭାବେ ପିଲାଙ୍କୁ ତବଲା ଶିଖାଇଲି। ତା'ପରେ ୨୦୦୬ରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ତବଲାର ସ୍ନାତକୋତ୍ତର ବିଭାଗରେ ଅତିଥି ଅଧ୍ୟାପକ ଭାବେ ନିଯୁକ୍ତି ପାଇଲି। ୨୦୧୨ରେ ଏହି ଚାକିରି ମୋର ସ୍ଥାୟୀ ହେଲା। ପିଲାଦିନୁ ଗରିବ, ଅସହାୟ ଶିଶୁଙ୍କ ପାଇଁ କିଛି କରିବାର ଇଚ୍ଛା ଥିଲା। ତେଣୁ ସ୍ଥାୟୀ ଅଧ୍ୟାପକ ହେବା ପରେ ଯେଉଁ ପ୍ରଥମ ଦରମା ପାଇଲି ସେଥିରୁ ପାଞ୍ଚ ହଜାର ଟଙ୍କା ଏକ ଅନାଥାଶ୍ରମକୁ ଦାନ କରିଥିଲି। ୨୦୧୫ରେ ଡକ୍ଟରେଟ୍ ଡିଗ୍ରୀ ପାଇଲି। ସେତେବେଳେ ମୁଁ ଥିଲି ତବଲାରେ ଡକ୍ଟରେଟ୍ ପାଇଥିବା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପ୍ରଥମ ବ୍ୟକ୍ତି, ଯାହା ମୋ ପାଇଁ ଖୁସିର ବିଷୟ ଥିଲା। ଏହାପରେ ମୁମ୍ବାଇସ୍ଥିତ ଅଖିଳ ଭାରତୀୟ ଗାନ୍ଧର୍ବ ମହାବିଦ୍ୟାଳୟ ମଣ୍ଡଳରୁ ସରୋଦରେ ବିଶାରଦ ପାଇଲି। ଆଉ ଏବେ ଖୈରାଗଡ ବିଶ୍ୱବିଦ୍ୟାଳୟର ପ୍ରଫେସର ମୁକୁନ୍ଦ ଭାଲେଙ୍କ ନିକଟରୁ ତବଲାରେ ଉଚ୍ଚତର ଶିକ୍ଷା ଗ୍ରହଣ କରୁଛି। ଏହାଛଡ଼ା ଯା'ଭିତରେ ମୁଁ ଅନେକ ଜାତୀୟ ସ୍ତରର ସଙ୍ଗୀତ ସମ୍ମିଳନୀରେ ଉଭୟ ତବଲା ବାଦକ ଓ ସରୋଦ ବାଦକ ଭାବେ ନିଜର ପ୍ରତିଭା ପରିବେଷଣ କରିସାରିଲିଣି। ସେହିପରି ଆକାଶବାଣୀ ଓ ଦୂରଦର୍ଶନରେ ଜଣେ ନିୟମିତ କଳାକାର ଭାବେ ଅନେକ କାର୍ଯ୍ୟକ୍ରମ ପରିବେଷଣ କରିସାରିଲିଣି। ତା'ସହିତ ଅନେକ ଆଲ୍‌ବମ୍, ଚଳଚ୍ଚିତ୍ର, ତଥା ଧାରାବାହିକରେ ମଧ୍ୟ ସରୋଦ ବାଦନ କରିସାରିଲିଣି। ଆଉ ଯେଉଁଥିପାଇଁ ମୋତେ ବହୁ ପୁରସ୍କାର ଓ ସମ୍ମାନ ମଧ୍ୟ ମିଳିସାରିଲାଣି। ତନ୍ମଧ୍ୟରୁ ବାଲେଶ୍ୱରରେ ଅନୁଷ୍ଠିତ ହୋଇଥିବା ବିଶୁବ ମହୋତ୍ସବରେ ଉଭୟ ତବଲା ଓ ସରୋଦ ପାଇଁ ମିଳିଥିବା ସଂସାରିକା ଆମ ମାଟି ପୁଅ ବିଶୁବ ସମ୍ମାନ, ଗୋପାଳଚନ୍ଦ୍ର ଦାସ ସ୍ମୃତି ସମ୍ମାନ ତଥା ଗୁରୁ ପ୍ରଫୁଲ୍ଲ କୁମାର ରାୟ ଫାଉଣ୍ଡେଶନ୍ ତରଫରୁ ସରୋଦ ପାଇଁ ମିଳିଥିବା ପୁରସ୍କାର ଓ ସମ୍ମାନ ହେଉଛି ଅନ୍ୟତମ। ଏସବୁ ବ୍ୟତୀତ ତବଲାକୁ ନେଇ ମୁଁ ଅନେକ ଫ୍ୟୁଜନ୍ ବି କରିଛି। ଯେମିତି କି ମର୍ଦ୍ଦଳ ଏକାଡେମୀ ତରଫରୁ ହୋଇଥିବା ତାଳ ଉତ୍ସବ ସମ୍ମିଳନୀରେ ମୁଁ ମିରର୍ ଅଫ୍ ରିଦିମ୍, ଯାହା କି ଢୋଲକ୍ ଓ ତବଲା ସମ୍ମିଶ୍ରଣର ଏକ ଫ୍ୟୁଜନ୍ ଥିଲା। ସେହିପରି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ତରଫରୁ ସଂସ୍କୃତି ବିଚିତ୍ରା ନାମକ ଏକ କାର୍ଯ୍ୟକ୍ରମରେ ୱେଷ୍ଟର୍ନ ରିଦିମ୍ ଏବଂ ଇଣ୍ଡିଆନ୍ ରିଦିମ୍‌କୁ ନେଇ ଗୋଟିଏ ଫ୍ୟୁଜନ୍ କରିଥିଲି, ଯାହାର ନାଁ ରଖିଥିଲି ରିଦିମ୍ ସିମ୍ଫୋନୀ। ତା'ଛଡ଼ା ସପ୍ତେଶ୍ୱର କଳାକ୍ଷେତ୍ର ତରଫରୁ ହୋଇଥିବା ଏକ କାର୍ଯ୍ୟକ୍ରମରେ ତାଲ୍ ସ୍ପନ୍ଦନ ନାମରେ ଅନ୍ୟ ଏକ ଫ୍ୟୁଜନ୍ କରିଥିଲି, ଯେଉଁଥିରେ ୮/୧୦ଟି ତବଲାକୁ ନେଇ ଗୋଟିଏ କ୍ରିଏଟିଭ୍ ୱାର୍କ କରାଯାଇଥିଲା, ଯାହା କି ଶ୍ରୋତାଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା। ଶେଷରେ କେବଳ ଏତିକି କହିବି, ତବଲା ଓ ସରୋଦ ଉଭୟ ମୋ ଜୀବନର ଗୋଟିଏ ଗୋଟିଏ ଅବିଚ୍ଛେଦ୍ୟ ଅଙ୍ଗ, ଯାହାକୁ ନେଇ ଆଗକୁ ମୋତେ ଆହୁରି ଅନେକ କିଛି କ୍ରିଏଟିଭ୍ ୱାର୍କ କରିବାର ଅଛି।

-ଅନ୍ବିତା

# ଅଧା ସପନକୁ ଅଧା କାହାଣୀ, ଆସିବ କେବେ ମୋ ମନର ରାଣୀ

**ପ୍ରଶ୍ନ**–ମୋ ମନକୁ ଜଣେ ସୁନ୍ଦରୀ ଚୋରି କରିଛି। ତାକୁ ନେଇ ଦେଖୁଥିବା ସ୍ୱପ୍ନ ଅଧା, ତାକୁ ନେଇ ରଚନା କରିଥିବା କାହାଣୀ ମଧ୍ୟ ଅଧା। କେବେ ସେ ମୋ ପାଖକୁ ଆସିବ, କହିବେ କି ସାଥୀ?

–ଜିତେନ୍ଦ୍ର ସାହୁ, ବ୍ରହ୍ମପୁର

**ଉତ୍ତର:** 'ଅଧା ସପନକୁ ଅଧା କାହାଣୀ, ଆସିବ କେବେ ମୋ ମନର ରାଣୀ'–ଏହାକୁ ନେଇ ଆପଣଙ୍କ ରଙ୍ଗିଲା ମନଟି ଆନ୍ଦୋଳିତ ହୋଇଉଠିଛି। ସତରେ ପ୍ରେମିକାକୁ ଅପେକ୍ଷା କରିବା ଏତେ ସହଜ ନୁହେଁ। ଘଡ଼ିକି ଘଡ଼ି ମନ ଆନମନା ହୋଇଉଠେ। ହେଲେ ଏଥିରେ ଧୈର୍ଯ୍ୟ ନ ରହିଲେ ସୁଫଳ ମିଳିବା ଆଶା କମ୍। ଯଦି ଆପଣ ସ୍ୱପ୍ନରେ ନିଜ ମନର ମାନସୀକୁ ଭେଟିବାକୁ ଚାହୁଁଛନ୍ତି, ତେବେ ସେଥିରେ କିଛି ବାସ୍ତବତା ନ ଥାଏ। ସପନ ରାଇଜରୁ ବାହାରକୁ ଆସି ମନର ରାଣୀକୁ ଖୋଜନ୍ତୁ। ଯଦି ତାକୁ ସଚ୍ଚା ପ୍ୟାର୍ କରୁଥିବେ, ତେବେ ତାକୁ ପାଇବାରେ ବିଳମ୍ବ ହେବ ନାହିଁ। ବାସ୍, କେବଳ ଟିକେ ଅପେକ୍ଷାର ଆବଶ୍ୟକତା ରହିଛି।

**ପ୍ରଶ୍ନ**–ସୁନ୍ଦରୀଙ୍କ ହସରେ ପ୍ରେମ ଥାଏ–ଏ କଥା ସତ କି?

–ଦୀପକ କୁମାର, ସୋନପୁର

**ଉତ୍ତର:** ମିଛ ବୋଲି କିଏ କହିଲା? ସୁନ୍ଦରୀଙ୍କ ହସରେ ଅନେକ କିଛି ଲୁଚି ରହିଥାଏ। ହେଲେ ସେଥିରୁ ପ୍ରେମର ପରିଭାଷାକୁ ପଢ଼ିବାକୁ ତାକତ ଥିବା ଦରକାର। ଯଦି ସେଥିରେ ଟିକେ ଓଲମ ବିଲମ ହୁଏ, ତେବେ ସେଭଳି ପ୍ରେମର କିଛି ମୂଲ୍ୟ ନ ଥାଏ। ବାସ୍, ସୁନ୍ଦରୀ ପ୍ରେମରେ ଖାଲି ଭାସି ନ ଯାଇ ତାହାର ବାସ୍ତବତାକୁ ଅନୁଧ୍ୟାନ କରି ତା' ମନରେ ପ୍ରେମର ମୀନାର ଗଢ଼ିବାକୁ ଚେଷ୍ଟା କରନ୍ତୁ।

**ପ୍ରଶ୍ନ**–ମୋତେ ଦୁଇ ଭଉଣୀ ଏକାଥରେ ଭଲ ପାଉଛନ୍ତି। ସେମାନଙ୍କ ଭିତରୁ କାହାକୁ ହଁ ଭରିବି, କାହାକୁ ନା କରିବି ଜାଣିପାରୁନାହିଁ। ମୋତେ କିଛି ଉପାୟ ବତାନ୍ତୁ ନା!

–ପ୍ରମୋଦ ସାହୁ, କେନ୍ଦ୍ରାପଡ଼ା

**ଉତ୍ତର:** ଆପଣ ଯେଉଁ ପ୍ରେମ ଦରିଆରେ ଭାସୁଛନ୍ତି ସେଥିରେ ବାତବଣା ହେବା ସ୍ୱାଭାବିକ। ଏଭଳି ପ୍ରେମର ରେଜଲ୍ଟ କ'ଣ ହେବ ପ୍ରଥମେ ଚିନ୍ତା କରିବାର ଥିଲା। ନେଡି ଗୁଡ଼ କହୁଣିକୁ ବୋହିଯିବା ପୂର୍ବରୁ ସେହି ପ୍ରେମରେ ପର୍ମାନେଣ୍ଟ ଯବନିକା ପକାନ୍ତୁ। ନ ହେଲେ ଏହି ପ୍ରେମର ପରିଣତି ଯେ ଭୟଙ୍କର ନ ହେବ, ତାହା କିଏ କହିବ!

**ପ୍ରଶ୍ନ**–କେତେକ ଝିଅଙ୍କୁ ଲଭ୍ ପ୍ରପୋଜ୍ କଲେ ସେମାନେ ବୁଲେଇ ବଙ୍କେଇ ହଁ ଭରନ୍ତି କାହିଁକି?

–ଆଶୁତୋଷ ପ୍ରଧାନ, ବଡ଼ବିଲ, କେନ୍ଦୁଝର


**ଉତ୍ତର:** ଯଦି ଜଣେ ସୁନ୍ଦରୀ ବୁଲେଇ ବଙ୍କେଇ ଆପଣଙ୍କ ପ୍ରେମରେ ହଁ ଭରୁଛି, ତେବେ ଭାବିନିଅନ୍ତୁ ଆପଣ ପ୍ରେମ ପାଇଁ ଟେଷ୍ଟ ଦେଉଛନ୍ତି। କାରଣ କେତେକ ପ୍ରେମିକ ପ୍ରେମକୁ ଖେଳନା କରି ସେଥିରୁ ଫାଇଦା ହାସଲ କରନ୍ତି। ଯଦି ଆପଣଙ୍କ ପ୍ରେମିକା ବୁଲେଇ ବଙ୍କେଇ ଆପଣଙ୍କ ପ୍ରେମକୁ ସ୍ୱୀକାର କରୁଛି, ତେବେ ତାହାକୁ ଭଲ ଭାବରେ ତର୍ଜମା କରି ଆଗାନ୍ତୁ। ନ ହେଲେ ଅଧାବାଟରେ ଆପଣଙ୍କ ଆଖିରୁ ଲୁହ ପୋଛିବାକୁ ପାଖରେ କେହି ନ ଥିବେ।

ସାଥୀ





# ସଂସ୍କୃତ ଗାଁ




କର୍ଣ୍ଣାଟକ ସିମୋଗ ଜିଲାର ଏକ ଛୋଟିଆ ଗାଁ ମତ୍ତୁର। ଏହି ଗାଁର ଯେ କୌଣସି ଘରକୁ ଗଲେ ଆପଣଙ୍କୁ ସ୍ୱାଗତ କରି କୁହାଯିବ–ଭବତଃ ନାମ କିମ୍? କଥମ୍ ଅସ୍ତି? କଫି ବା ଚାୟମ୍ କିମ୍ ଇଚ୍ଛତିଃ ଭବାଂ? କାରଣ ଏଠାକାର ବାସିନ୍ଦା ନିଜର ମାତୃଭାଷା ନୁହେଁ ବରଂ ଦେବନାଗରୀ ଭାଷା ସଂସ୍କୃତରେ କଥାବାର୍ତ୍ତା ହୁଅନ୍ତି। ତେଣୁ ଏଠାରେ ପ୍ରବେଶ ମାତ୍ରେ ଅନୁଭବ ହେବ ସତେ ଯେମିତି ଆପଣଙ୍କର ଗୋଟିଏ ପାଦ ବୈଦିକ ଯୁଗ ଓ ଅନ୍ୟଟି ଏକ ବିଂଶ ଶତାବ୍ଦୀରେ ଅଛି। ଏଠାରେ ଏବେ ବି ଲୋକଙ୍କ ମଧ୍ୟରେ ବୈଦିକ ଯୁଗର ଜୀବନଶୈଳୀ ଦେଖିବାକୁ ମିଳେ। ତା'ସହ ବହୁ ପୁରାତନ ଭାଷା ସଂସ୍କୃତର ଯେମିତି ଅଧିକ ବିକାଶ ଓ ପ୍ରସାର ହୋଇପାରିବ ଚେଷ୍ଟା କରୁଛନ୍ତି।

**କେବେଠୁ ଆରମ୍ଭ–** ୧୯୮୧ ମସିହାରେ 'ସଂସ୍କୃତ ଭାରତୀ' ନାମକ ଏକ ସଂସ୍ଥା, ଯେ କି ସଂସ୍କୃତ ଭାଷାର ପ୍ରଚାର ପ୍ରସାର କରେ, ଏହି ଗାଁରେ ଏକ ୧୦ଦିନିଆ ୱାର୍କଶପ୍ କରିଥିଲା। ଏଥିରେ ଗାଁର ଅନେକ ଲୋକ ଯୋଗଦେଇଥିଲେ। ସେଠାରେ କୁହାଯାଇଥିଲା–ଯଦି ବ୍ୟକ୍ତି ବିଶେଷରେ ସମସ୍ତେ ସଂସ୍କୃତ କହିବେ, ଆଉ ଘରେ ଘରେ ସମସ୍ତେ ସଂସ୍କୃତରେ କଥାବାର୍ତ୍ତା ହେବେ, ତେବେ ସେହି ଗାଁ ହୋଇଯିବ 'ସଂସ୍କୃତ ଗାଁ'। ଏହି କଥା ଗ୍ରାମବାସୀଙ୍କ ମନକୁ ଛୁଇଁ ଯାଇଥିଲା। ଆଉ ସଂସ୍କୃତକୁ ସେମାନେ ନିଜର ମୁଖ୍ୟ ଭାଷାଭାବେ ଆଦରି ନେଲେ।

**ଗାଁର ପ୍ରତ୍ୟେକ ଘରେ ସଫ୍ଟୱେର ଇଞ୍ଜିନିୟର୍–** ମତ୍ତୁର ଗାଁଟି ଚାରିକୋଣିଆ ଭାବେ ତିଆରି ହୋଇଛି, ଯାହାର ମଝିରେ ମନ୍ଦିର ଓ ଗାଁ ପାଠଶାଳା ଅଛି। ଏହି ପାଠଶାଳାରେ ବେଦଗୁଡ଼ିକୁ ପୁରାଣ ଶୈଳୀରେ ଉଚ୍ଚାରଣ କରାଯାଇଥାଏ। ୫ ବର୍ଷର ପାଠ୍ୟକ୍ରମରେ ସେମାନେ ଏହି ବେଦ ସବୁକୁ ଶିଖିଥାଆନ୍ତି। ଏଠାକାର ପରିବା ବିକାଳିଠାରୁ ଆରମ୍ଭ କରି ପୁରୋହିତ ସମସ୍ତେ ସଂସ୍କୃତ ଜାଣନ୍ତି। ବୟସ୍କ ଲୋକ ଏହି ଭାଷାରେ କଥାବାର୍ତ୍ତା ହେଉଥିବାବେଳେ ଆଧୁନିକ ଯୁବକମାନେ ଗାଡ଼ିରେ ଗଲାବେଳେ ମୋବାଇଲରେ ସଂସ୍କୃତରେ କଥା ହେବା ବି ଦେଖିପାରିବେ। ଏମିତି କି ଛୋଟ ପିଲା ଖେଳିବା ସମୟରେ ଏବଂ ଝଗଡ଼ା ଲାଗିବା ସମୟରେ ବି ସଂସ୍କୃତରେ କୁହନ୍ତି। ଗାଁର ଅନେକଙ୍କ କାନ୍ଥରେ ସଂସ୍କୃତରେ ଲେଖା ହୋଇଥାଏ ଅନେକ କୋଟ୍ ଯେମିତି କି– 'ମାର୍ଗେ ସ୍ୱଚ୍ଛତାୟ ବିରାଜତେ, ଗ୍ରାମେ ସୁଜନଃ ବିରାଜନ୍ତେ'। ଅର୍ଥାତ୍ ଯେମିତି ଏକ ଗାଁ ପାଇଁ ଉତ୍ତମ ଲୋକ ଜରୁରୀ ସେହିଭଳି ରାସ୍ତା ପାଇଁ ସ୍ୱଚ୍ଛତା ଜରୁରୀ। ଏଠାକାର ସ୍କୁଲଗୁଡ଼ିକର ଆକାଡେମିକ୍ ରେକର୍ଡ ବି ବହୁତ ଭଲ। ଶିକ୍ଷକମାନଙ୍କ ଅନୁସାରେ ସଂସ୍କୃତ ପିଲାମାନଙ୍କୁ ଗଣିତ ଓ ଲଜିକ୍‌ରେ ସୁଦୃଢ଼ କରିଥାଏ। ଏକାଗ୍ରତା ବଢ଼ାଏ। ତେଣୁ ଏହି ଗ୍ରାମର ପ୍ରାୟ ସବୁ ପିଲା ଭଲ ପଢ଼ନ୍ତି। ଏଠାକାର ଅଧିକାଂଶ ଯୁବତୀ ଯୁବକ ଡାକ୍ତରୀ ଓ ଇଞ୍ଜିନିୟରିଂ ପଢ଼ିବା ପାଇଁ ବିଦେଶ ଯାଆନ୍ତି। ଏମିତି କି ଉକ୍ତ ଗ୍ରାମର ପ୍ରତ୍ୟେକ ଘରେ ଅତିକମ୍‌ରେ ଜଣେ ସଫ୍ଟୱେର୍ ଇଞ୍ଜିନିୟର ଥିବା ଦେଖିବାକୁ ମିଳନ୍ତି। ଏହି ଗ୍ରାମରୁ ୩୦ଜଣ ସଂସ୍କୃତ ପ୍ରଫେସର ହୋଇଛନ୍ତି। ଯେଉଁମାନେ କୁଭେମ୍ପୁ, ବେଙ୍ଗାଲୁରୁ, ମହୀଶୂର ଏବଂ ମାଙ୍ଗାଲୋର ବିଶ୍ୱବିଦ୍ୟାଳୟରେ ପଢ଼ାଉଛନ୍ତି। ଏହିସବୁ କାରଣରୁ ଏହି ଗାଁ ଏବେ 'ସଂସ୍କୃତ ଗ୍ରାମ' ଭାବେ ପରିଚିତ ହେଉଛି।

ତେବେ ଦିନ ଥିଲା ସଂସ୍କୃତଭାଷା ପାଇଁ ସାରା ପୃଥିବୀରେ ପରିଚିତି ପାଇଥିବା ଏହି ଗାଁର ୧% ଲୋକ ବି ସଂସ୍କୃତ ଜାଣି ନ ଥିଲେ। କିନ୍ତୁ ସେମାନଙ୍କର ଏହି ପୁରାତନ ଭାଷା ପ୍ରତି ଥିବା ଭଲ ପାଇବା ଓ ତାକୁ ଉଜ୍ଜୀବିତ ରଖିବାର ପ୍ରୟାସ ଯୋଗୁ ଆଜି ଏଠାକାର ଶତ ପ୍ରତିଶତ ଲୋକ ସଂସ୍କୃତ ଜାଣନ୍ତି। ଆଉ ସେମାନେ ଏହି ଭାଷାକୁ ଅନ୍ୟକୁ ଶିଖାଇବାର ଆଗ୍ରହ ବି ରଖନ୍ତି। ଆଉ ସବୁଠୁ କୌତୂହଳର କଥା ହେଉଛି ଏହି ଭାଷା ଏଠାକାର ଲୋକଙ୍କୁ କରିଦେଇଛି ତୀକ୍ଷ୍ଣ ବୁଦ୍ଧିସମ୍ପନ୍ନ। ସେଇଥିପାଇଁ ତ ଏଠାକାର ପ୍ରତ୍ୟେକ ଘରେ ଅତିକମ୍‌ରେ ଜଣେ ସଫ୍ଟୱେର ଇଞ୍ଜିନିୟର ହୋଇପାରିଛନ୍ତି।







## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ସିଦ୍ଧାର୍ଥ

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ

## ହାଃ ହାଃ

### ଆଶା

ଗଧ ତା' ସାଙ୍ଗକୁ- ମୋ ମାଲିକ ମତେ ବହୁତ ମାରେ।
ସାଙ୍ଗ- ତୁ ତା'ହେଲେ କୁଆଡ଼େ ଦୌଡ଼ିକି ପଳଉନୁ।
ଗଧ-ମାଲିକ ଯେତେବେଳେ ରାଗିଯାଏ ତା' ଝିଅକୁ ସେତେବେଳେ କହେ, 'ତତେ ସେଇ ଗଧ ସାଙ୍ଗରେ ବାହା କରେଇ ଦେବି।' ବାସ୍ ସେଇ ଗୋଟିଏ ଆଶା ନେଇ ଏଇଠି ପଡ଼ି ରହିଛି।

### ମମ୍

ମୁନା- ଯଦି ଇଂରାଜୀରେ ମା'କୁ ମମ୍ କୁହାଯାଏ, ତେବେ ମା'ଙ୍କ ବଡ଼ ଭଉଣୀ ଓ ସାନ ଭଉଣୀଙ୍କୁ କ'ଣ କୁହାଯିବ।
ପିଣ୍ଟୁ- ଏତିକି ଜାଣିନୁ। ମ୍ୟାକ୍ସିମମ୍ ଓ ମିନିମମ୍।

### ଦହି


ବିଦେଶୀ ଜଣେ ଗଉଡ଼କୁ- ହ୍ୱାଟ୍ ଇଜ୍ ଦିସ୍ ?
ଗଉଡ଼-ଦହି।
ବିଦେଶୀ-ହ୍ୱାଟ୍ ଇଜ୍ ଦହି।
ଗଉଡ଼ ବୁଝେଇବାକୁ ଯାଇ-ମିଲ୍କ ସ୍ଲିପ୍ସ ଆଟ୍ ନାଇଟ୍ ଆଣ୍ଡ ମର୍ଣ୍ଣିଂ ବିକମ୍ସ ଟାଇଟ୍।

## ସତ୍ୟାଗ୍ରହର ଜନ୍ମସ୍ଥଳୀ

# ଚମ୍ପାରଣ







**ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ବିହାରର ଚମ୍ପାରଣରେ ଏକ ସତ୍ୟାଗ୍ରହ ହୋଇଥିଲା, ଯାହା ଚମ୍ପାରଣ ସତ୍ୟାଗ୍ରହ ଭାବେ ପରିଚିତ। ତେବେ ଏହା ଥିଲା ଗାନ୍ଧିଜୀଙ୍କ ତତ୍ତ୍ୱାବଧାନରେ ଭାରତରେ ହୋଇଥିବା ପ୍ରଥମ ସତ୍ୟାଗ୍ରହ। ସେଥିପାଇଁ ଏହି ସ୍ଥାନର ମହତ୍ତ୍ୱକୁ ନେଇ ପର୍ଯ୍ୟଟକଙ୍କ ଭିତରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥାଏ...**



ଚମ୍ପାରଣ ଭାରତର ବିହାରସ୍ଥିତ ଏକ ଐତିହାସିକ ସ୍ଥଳ, ଯାହା ଏବେ ପୂର୍ବ ଚମ୍ପାରଣ ଓ ପଶ୍ଚିମ ଚମ୍ପାରଣ ନାମରେ ଦୁଇଟି ଭିନ୍ନ ଜିଲା ହୋଇଯାଇଛି। ତେବେ ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ସହ ଚମ୍ପାରଣର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ, ବିଦେଶରୁ ଫେରିବା ପରେ ଜାତିରପିତା ମହାତ୍ମା ଗାନ୍ଧୀ ଇଂରେଜଙ୍କ ବିରୋଧରେ ନିଜର ପ୍ରଥମ ଅହିଂସା ଆନ୍ଦୋଳନ ଏହିଠାରୁ ଆରମ୍ଭ କରିଥିଲେ। ଏହାକୁ ଆମେ ଭାରତର ଏକ କୃଷକ ଆନ୍ଦୋଳନ ମଧ୍ୟ କହିପାରିବା, ଯାହାର ପ୍ରତିନିଧିତ୍ୱ ସ୍ୱୟଂ ବାପୁ ହିଁ କରିଥିଲେ। ଚମ୍ପାରଣର ଇତିହାସ ଏତେ ସବୁ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀକୁ ନିଜ ଭିତରେ ସାଇତି ରଖିଥିବାରୁ ଏହି ସ୍ଥାନଟିର ମହତ୍ତ୍ୱ ସବୁବେଳେ ରହିଆସିଛି।

**କ'ଣ ଏହି ଚମ୍ପାରଣ ସତ୍ୟାଗ୍ରହ ବା ଆନ୍ଦୋଳନ:** ଚମ୍ପାରଣରେ ଯେବେ ପ୍ରଥମ କୃଷକ ଆନ୍ଦୋଳନ ଆରମ୍ଭ କରାଯାଇଥିଲା, ତାହାର ପ୍ରତିନିଧିତ୍ୱ ମହାତ୍ମା ଗାନ୍ଧୀ କରିଥିଲେ। ଏହା ଥିଲା ଭାରତୀୟ ଇତିହାସର ସବୁଠାରୁ ଦୟନୀୟ କାଳ, ଯେଉଁ ସମୟରେ ଇଂରେଜମାନେ ଭାରତୀୟଙ୍କୁ ଖୁବ୍ ଶୋଷଣ କରୁଥିଲେ। ଖାସ୍ କରି ଭୂମିହୀନ ତଥା ଗରିବ କୃଷକଙ୍କ ଉପରେ ପ୍ରତିଦିନ ଶୋଷଣର ନୂଆ ନୂଆ କାର୍ଯ୍ୟପନ୍ଥା ଆପଣାଉଥିଲେ। ଅଧିକ ଲାଭ ପାଇବା ପାଇଁ ବ୍ରିଟିଶ୍ ଅଫିସର୍‌ମାନେ କୃଷକଙ୍କୁ ଶସ୍ୟ ଉତ୍ପାଦନ ପରିବର୍ତ୍ତେ ନୀଳ ତଥା ଅଫିମ ଭଳି ଲାଭଜନକ ଚାଷ କରିବାକୁ ବାଧ୍ୟ କରୁଥିଲେ। ତା'ସହିତ ସେମାନଙ୍କ ଉପରେ ମୋଟା ଅଙ୍କର ଖଜଣା ବି ଲଦି ଦିଆଯାଉଥିଲା, ଯଦ୍ୱାରା କୃଷକମାନେ ଖୁବ୍ ହନ୍ତସନ୍ତ ହେଉଥିଲେ। ଠିକ୍ ଏହି ସମୟରେ ଚମ୍ପାରଣରେ ମହାତ୍ମା ଗାନ୍ଧୀଙ୍କର ଆଗମନ ହେଲା। କୃଷକମାନଙ୍କର ଏପରି ଦୟନୀୟ ଅବସ୍ଥାକୁ ଦେଖି ଗାନ୍ଧିଜୀ ଖୁବ୍ ଦୁଃଖୀ ହେବା ସହ ଇଂରେଜଙ୍କ ବିରୋଧରେ ପ୍ରଥମ ଆନ୍ଦୋଳନର ଡାକରା ଦେଇଥିଲେ, ଯେଉଁଥିପାଇଁ ଗାନ୍ଧିଜୀଙ୍କୁ କାଠଗଡ଼ାରେ ଠିଆ ହେବାକୁ ମଧ୍ୟ ପଡ଼ିଥିଲା। ତେବେ ଚମ୍ପାରଣରୁ ସତ୍ୟାଗ୍ରହର ପ୍ରାରମ୍ଭ ହୋଇଥିବାରୁ ଏହାକୁ ଅନେକ ସତ୍ୟାଗ୍ରହର ଜନ୍ମସ୍ଥଳୀ ବୋଲି ମଧ୍ୟ ସମ୍ବୋଧନ କରିଥାନ୍ତି।

ତେବେ ଅତୀତର ବହୁ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀକୁ ନିଜ ଭିତରେ ସାଇତି ରଖିଥିବା ଚମ୍ପାରଣରେ ପର୍ଯ୍ୟଟକ ଅନେକ ଇତିହାସ ସମ୍ବଳିତ ତଥ୍ୟ ସଂଗ୍ରହ କରିବା ସହ ନିକଟସ୍ଥ କିଛି ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ବୁଲିବାର ମଜା ମଧ୍ୟ ଉଠାଇପାରିବେ। ଯେମିତିକି...

**ମୋତିହାରୀ:** ପାଟ୍‌ନାରୁ ପ୍ରାୟ ୧୫୦ କି.ମି ଦୂରରେ ଥିବା ମୋତିହାରୀ ପୂର୍ବ ଚମ୍ପାରଣସ୍ଥିତ ଏକ ଐତିହାସିକ ପର୍ଯ୍ୟଟନସ୍ଥଳୀ। ଇତିହାସ ସମ୍ବଳିତ ଅନେକ ଗାଥା ଏଠାରେ ଶୁଣିବାକୁ ମିଳିଥାଏ। ତା'ଛଡ଼ା ପର୍ଯ୍ୟଟକଙ୍କୁ ଆକର୍ଷିତ କଲା ଭଳି ଏଠାରେ କେତୋଟି ହ୍ରଦ ମଧ୍ୟ ରହିଛି।

**କେସରିୟା:** ଏହା ମଧ୍ୟ ପୂର୍ବ ଚମ୍ପାରଣସ୍ଥିତ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ଏଠାରେ ୧୦୪ ଫୁଟ ଉଚ୍ଚତାବିଶିଷ୍ଟ ଏକ ପ୍ରସିଦ୍ଧ ସ୍ତୂପ ଦେଖିବାକୁ ମିଳିଥାଏ, ଯାହାକୁ ଦେଖିବା ପାଇଁ ପ୍ରତିଦିନ ଏଠାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ବୁଲି ଆସିଥାନ୍ତି।

**ସୀତା କୁଣ୍ଡ:** ଏହା ବିହାରର ସୀତାମାଢ଼ି ଜିଲା ଅନ୍ତର୍ଗତ ଏକ ପବିତ୍ର ସ୍ଥାନ। ପର୍ଯ୍ୟଟକ ଚମ୍ପାରଣ ବୁଲି ଯିବା ସମୟରେ ଚାହିଁଲେ ଏହି ସ୍ଥାନ ଆଡେ ଟିକେ ଭ୍ରମଣରେ ଯାଇପାରିବେ।

### କେବେ ଓ କେମିତି ଯିବେ

ବର୍ଷର ଯେ କୌଣସି ସମୟରେ ଏଠାକୁ ବୁଲି ଯିବାର ସୁବିଧା ରହିଛି। ସେହିପରି ଏଠାକୁ ଯିବା ପାଇଁ ସମସ୍ତ ପ୍ରକାର ଗମନାଗମନର ମଧ୍ୟ ବ୍ୟବସ୍ଥା ଅଛି।













# ସ୍ମାର୍ଟ ୟୁନିଫର୍ମ

ଦିନକୁ ଦିନ ପିଲାଙ୍କ ଉପରେ ବଢୁଛି ବିପଦ। ଘରେ, ବାହାରେ, ସ୍କୁଲରେ ସେମାନେ ଏବେ ଆଉ ନାହାନ୍ତି ସୁରକ୍ଷିତ। ତେଣୁ ପାଦେ ପାଦେ ମା'ବାପା ଚାହାନ୍ତି ତାଙ୍କ ଉପରେ ନଜର ରଖିବାକୁ। ଏମିତି କି ସ୍କୁଲ କର୍ତ୍ତୃପକ୍ଷ ବି ଚାହାନ୍ତି ଏମିତି କିଛି ପଦ୍ଧତି, ଯଦ୍ୱାରା ପିଲାଙ୍କ ଉପରେ ପ୍ରତି ପାଦରେ ନଜର ରଖିପାରିବେ। ଏହାକୁ ନଜରରେ ରଖି ଚାଇନାର ଗୁଇଝୁ ପ୍ରାନ୍ତର ୧୧ଟି ସ୍କୁଲରେ ଆରମ୍ଭ ହୋଇଛି ଏକ ନୂଆ ଅଭିଯାନ। ସେମାନେ ପିଲାଙ୍କୁ ଦେଉଛନ୍ତି ମାଇକ୍ରୋ ଚିପ୍ ଲାଗିଥିବା ୟୁନିଫର୍ମ, ଯଦ୍ୱାରା ସେମାନେ ପିଲାଙ୍କୁ ପ୍ରତି ମୁହୂର୍ତ୍ତରେ ନଜର ରଖିପାରୁଛନ୍ତି। ଉକ୍ତ ୟୁନିଫର୍ମର ଦୁଇ ଶୋଲ୍ଡର୍ ପ୍ୟାଡ୍‌ରେ ଦୁଇଟି ମାଇକ୍ରୋ ଚିପ୍ସ ଲଗାଇଯାଇଛି। ଏହାର ଜିପିଏସ୍ ପଦ୍ଧତି ସାହାଯ୍ୟରେ ଉଭୟ ସ୍କୁଲ ଓ ମାତାପିତା ପିଲାଙ୍କ ଉପରେ ନଜର ରଖିପାରୁଛନ୍ତି। ଶ୍ରେଣୀଗୃହ ଓ ପଡିଆରୁ ବିନା ଅନୁମତିରେ କୌଣସି ପିଲା ଛାଡି କୁଆଡେ ଗଲେ ଅବା ଶ୍ରେଣୀଗୃହରେ ଶୋଇପଡିଲେ ଆଲାର୍ମ ବାଜି ଉଭୟ ସ୍କୁଲ କର୍ତ୍ତୃପକ୍ଷ ଓ ମାତାପିତାଙ୍କୁ ଜଣାଇଦିଏ। ଏହା ମାଧ୍ୟମରେ ମା'ବାପା ପିଲାମାନେ ସ୍କୁଲରେ କ'ଣ କିଶୁଛନ୍ତି ବି ଜାଣିପାରିବେ। ଏଥିରେ ଫେସ୍ ରିକଗ୍‌ନିସନ୍ ସିଷ୍ଟମ୍ ବି ରହିଛି, ଯଦ୍ୱାରା ଠିକ୍ ୟୁନିଫର୍ମ ଠିକ୍ ପିଲା ହିଁ ପିନ୍ଧିବେ। ଅନ୍ୟ କେହି ପିନ୍ଧିପାରିବେ ନାହିଁ।

## କାର୍ଟୁନ କର୍ନର





ପତ୍ନୀ ସୁମନଙ୍କ ସହ ସତ୍ୟ

ସକାଳ ସୂର୍ଯ୍ୟ, ଶ୍ରାବଣୀ, ଅପା, ତୁଳସୀ ପରି ଲୋକପ୍ରିୟ ଧାରାବାହିକରୁ ଜଲିଉଡ୍‌କୁ ପ୍ରବେଶ କରିଥିବା ସତ୍ୟ ଯାତ୍ରାପ୍ରେମୀଙ୍କ ନିକଟରେ ଅତି ପରିଚିତ। ଜଣେ ପ୍ରତିଶ୍ରୁତିସମ୍ପନ୍ନ ଅଭିନେତା ଭାବରେ ସେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଛନ୍ତି। ତେବେ ତାଙ୍କ ଜୀବନରେ ଘଟିଥିବା ଏହି ଘଟଣାଟି କୌଣସି ରୋମାଞ୍ଚକର ଉପନ୍ୟାସର କାହାଣୀଠୁ କିଛି କମ୍ ନୁହେଁ...

# ସୁମନଙ୍କ କଥା ରହିଲା

ସବୁଦିନ ପରି ସତ୍ୟ ଫେରିଲେ ଶୁଟିଂ ସେଟ୍‌ରୁ। ତାଙ୍କ ହାତକୁ ଚା' କପ୍ ବଢ଼େଇଦେଲେ ପତ୍ନୀ ସୁମନ। ପାଖରେ ବସି ପଚାରିଲେ ଏଣୁତେଣୁ କଥା। ଶୁଟିଂ ସେଟ୍‌ର ଖବର। ଏହା ହେଉଛି ଅଭିନେତା ସତ୍ୟ ଓ ସୁମନଙ୍କ ନିତିଦିନିଆ କଥା। କଥା ହେଉ ହେଉ ସତ୍ୟ କହିଲେ: ଜାଣ, ମୁଁ କାଲି ବାହାହବାକୁ ଯାଉଛି। ସତ୍ୟଙ୍କ କଥା ଶୁଣି ସୁମନ ହସିଦେଲେ। କାରଣ ସେ ଜାଣିଥିଲେ ସତ୍ୟ ତାଙ୍କ ସହ ଜୋକ୍ କରୁଛନ୍ତି। ସତ୍ୟ କିନ୍ତୁ ଦୋହରାଇଲେ: 'ଆରେ ବିଶ୍ୱାସ କର। କାଲି ମୋର ବାହାଘର ହେବ। ମାନେ, ଆସନ୍ତାକାଲି ଶୁଟିଂ ସେଟ୍‌ରେ ମୋର ବାହାଘର ଦୃଶ୍ୟ ଶୁଟ୍ କରିବାର ଅଛି। ସେଥିପାଇଁ ସିଡିଏର ମଙ୍ଗଳା ମନ୍ଦିରରେ ଶେଡ୍ ବି ତିଆରି ସରିଲାଣି।' ସତ୍ୟ ଓ ସୁମନଙ୍କର କିଛିମାସ ଆଗରୁ ବାହାଘର ସରିଥାଏ। ତେଣୁ ସୁମନ ଭଲକରି ଅନେଇଲେ ସତ୍ୟଙ୍କୁ। ଓଠରେ ଛୋଟିଆ ହସଟିଏ ପହଁରେଇ ଦେଇ କହିଲେ: 'ନା, କାଲି ତମର ବାହାଘର ହବନି କି ତମେ ବାହା ହୋଇ ପାରିବନି।' ସୁମନଙ୍କ କଥା ଶୁଣି ସିରିୟସ ହେଇଗଲେ ସତ୍ୟ। କହିଲେ: ଆରେ ବାବା, ସତସତିକା ନୁହେଁ ମ। ଖାଲି ଆକ୍ଟିଂ। ସୁମନ ବି କହିଲେ, 'ମୁଁ ଜାଣେ ତମେ ବାହା ହେଉଥିବାର ଆକ୍ଟିଂ କରିବ। ତଥାପି ମୁଁ କହୁଛି, ସତସତିକା ହେଉ କି ଅଭିନୟ – ତମେ ମତେ ଛାଡ଼ି ଆଉ କାହାକୁ ବି ମ୍ୟାରେଜ୍ କରିପାରିବନି। ଏଇଟା ମୋ ମନର କଥା।' ଉଭୟ ସତ୍ୟ ଓ ସୁମନ ହସି ଉଠିଲେ। ସେହି ହସରେ ହିଁ କଥା ସରିଗଲା। ରାତି ପାହି ସକାଳ ହେଲା। ପ୍ରତିଦିନ ଭଳି ସତ୍ୟ ରେଡି ହୋଇ ଶୁଟିଂ ସେଟ୍‌କୁ ବାହାରିଗଲେ।

ଏହା ହେଉଛି 'ଅପା' ସିରିଏଲ୍‌ର ଶୁଟିଂ କଥା। ନିର୍ଦ୍ଦେଶକ ଥାଆନ୍ତି ସୁବ୍ରତ ନାୟକ। ଆଉ ସହ ନିର୍ଦ୍ଦେଶନା ଦାୟିତ୍ୱରେ ଥାନ୍ତି ଆଜିର ସିରିଏଲ୍ ତଥା ଯାତ୍ରା ନିର୍ଦ୍ଦେଶକ ମହେଶ ହାଜରା। ସିଡିଏ ମଙ୍ଗଳା ମନ୍ଦିରରେ ବାହାଘର ସେଟ୍ ଲାଗିଥାଏ। ସତ୍ୟ ବରବେଶରେ ସଜେଇ ହେଇଥାନ୍ତି। ତାଙ୍କ ବିପକ୍ଷରେ ଅଭିନୟ କରୁଥିବା ଅଭିନେତ୍ରୀଙ୍କୁ କନ୍ୟା ବେଶରେ ସଜେଇ ଦିଆଯାଇଥାଏ। ବ୍ରାହ୍ମଣ ରେଡି। ଲାଇଟ୍ ରେଡି। କ୍ୟାମେରା ବି ରେଡି। ନିର୍ଦ୍ଦେଶକଙ୍କଠାରୁ ଆକ୍ସନ୍ ନିର୍ଦ୍ଦେଶ ଆସିଲେ ହାତଗଣ୍ଠି ପଡ଼ିବ। ମାତ୍ର ସେତିକିବେଳେ ଘଟିଲା ଦୁର୍ଘଟଣା। ମ୍ୟାରେଜ୍ କରିବାକୁ କନ୍ୟା ବେଶରେ ସଜେଇ ହେଇଥିବା ଅଭିନେତ୍ରୀଙ୍କ ଦେହ ଅସୁସ୍ଥ ହୋଇଗଲା। ପ୍ରଚୁର ବାନ୍ତି ହେଲା। ସେ ସେନ୍ସଲେସ୍ ହୋଇପଡ଼ିଲେ। ତାଙ୍କୁ ମେଡିକାଲରେ ଭର୍ତ୍ତି କରାଗଲା। ଅଟକିଗଲା ଶୁଟିଂ। ନିର୍ଦ୍ଦେଶକ, ସହନିର୍ଦ୍ଦେଶକଙ୍କ ମୁଣ୍ଡରେ ଚଡ଼କ ପଡ଼ିଲା। ସବୁକିଛି ସରିଛି। ଶୁଟିଂ କ୍ୟାନ୍‌ସଲ ହେଇଗଲେ ଅର୍ଥ ବରବାଦ। ସେତିକିବେଳେ ସତ୍ୟ କହୁ କହୁ କହି ପକେଇଲେ ଯେ, ମୋ ପତ୍ନୀ ଠିକ୍ କହୁଥିଲେ ମୋର ଆଉଥରେ କିମ୍ବା ଆଉ କାହା ସାଥିରେ ବାହାଘର ହେଇପାରିବନି। ସତ୍ୟଙ୍କଠୁ ସବୁକଥା ଶୁଣିବା ପରେ ନିର୍ଦ୍ଦେଶକ ସମସ୍ତଙ୍କୁ ଚକିତ ବିସ୍ମିତ କରି କହିଉଠିଲେ– 'ଆଜି ବାହାଘର ହେବ। ଆଜି ସୁମନ ତମର କନିଆ ସାଜିବ। ଆଉ ତା' ସହିତ ତୁମର ପୁଣିଥରେ ବାହାଘର ହେବ।' ସତକୁସତ ସୁମନଙ୍କୁ ଡକାଗଲା। ମୁଣ୍ଡରେ ଓଢ଼ଣା ଟାଣି କନିଆ ସାଜି ସୁମନ ବେଦିରେ ବସିଲେ। ଆଉ ତାଙ୍କ ସହିତ ସତ୍ୟଙ୍କର ପୁଣିଥରେ ହାତଗଣ୍ଠି ପଡ଼ିଲା।

# ନେଗେଟିଭ୍ ଭୂମିକାରେ ରିଙ୍କି

ଇଲା ଏକ ଉଗ୍ରମନା ଝିଅ। ସେ ସବୁବେଳେ ଚାହେଁ ଅନ୍ୟମାନଙ୍କ ଉପରେ ତା'ର ହାକିମାତି ରହୁ। ସେଥିଲାଗି ସେ କାହାରିକୁ ବରଦାସ୍ତ କରିପାରେନା। ଅନ୍ୟପକ୍ଷରେ ସେ ଯାହା ବି କରେ ନିଜ ବାପ ଇଚ୍ଛାରେ କରେ। ସମୟକ୍ରମେ ଇଲା ମ୍ୟାରେଜ୍ କରେ। ମାତ୍ର ଇଲାର ମ୍ୟାରେଜ୍ ତା' ଶାଶୁଘର ଲୋକଙ୍କ ପାଇଁ ଏକ ଅଭିଶାପ ପାଲଟିଯାଏ। ବାପ କଥାରେ ପରିଚାଳିତ ଇଲା ଶାଶୁଘରକୁ ନାରଖାର କରିଦିଏ। ବାପ ସମାନ ଶ୍ୱଶୁରଙ୍କୁ ଅକଥନୀୟ ଅତ୍ୟାଚାର କରେ। ଇଲାର କାର୍ଯ୍ୟକଳାପ ଏପରି ଭୟଙ୍କର ହୁଏ ଯେ, ଦର୍ଶକମାନେ ମଧ୍ୟ ଅତିଷ୍ଠ ହୋଇଯାଆନ୍ତି। ଯାତ୍ରାନୁଷ୍ଠାନ 'ଇନ୍ଦ୍ରଭୁବନ'ର ଚଳିତ ବର୍ଷର ସଫଳ ନାଟକ 'ବୁଧବାର ଦିନ ବାପା ମରିବେ' (ନାଟ୍ୟକାର – ଶରଣାରବିନ୍ଦ ଓଝା ଓ ନିର୍ଦ୍ଦେଶକ– ମନୋଜ ପଟ୍ଟନାୟକ) ରେ ରହିଛି ଏମିତି ଏକ ଆଣ୍ଟି ଚରିତ୍ର ଇଲା। ଏହି ଭୂମିକାକୁ ସଫଳ ଭାବରେ ନିର୍ବାହ କରୁଛନ୍ତି ଆଉ ନେଗେଟିଭ୍ ଭୂମିକାରେ ଅବତୀର୍ଣ୍ଣ ହୋଇ ପ୍ରତି ରାତିରେ ଦର୍ଶକଙ୍କର ଗାଳି ସାଉଣ୍ଟୁଛନ୍ତି ଅଭିନେତ୍ରୀ ରିଙ୍କି ଓରଫ ପ୍ରତିଭା ମହାରଣା। ରିଙ୍କି କହନ୍ତି ଯେ, ଗୋଟିଏ ନାଟକକୁ ସଫଳ କରିବା ଦିଗରେ ଆଣ୍ଟି କ୍ୟାରେକ୍ଟରର ସବୁଠୁ ଅଧିକ ଭୂମିକା ରହିଥାଏ। ଆଉ ନାଟ୍ୟକାର ସେହି ଚରିତ୍ରଟିକୁ ଅତି ସତର୍କତାର ସହିତ ସୃଷ୍ଟି କରିଥାନ୍ତି। ତେଣୁ ସେଭଳି ଗୋଟେ କ୍ୟାରେକ୍ଟର କରିବା ଖୁବ୍ କଷ୍ଟକର। ତେବେ ଇଲା ଚରିତ୍ର ପାଇଁ ସେ ବେଶ୍ ଖୁସି ଅଛନ୍ତି। ଅବଶ୍ୟ ପ୍ରତି ରାତିରେ ଦର୍ଶକ ତାଙ୍କୁ ତାଳି ନୁହଁ ; ଗାଳି ଦଉଛନ୍ତି। ହେଲେ ସେ ସେହି ଗାଳିକୁ ଆଶୀର୍ବାଦ ଭାବରେ ଗ୍ରହଣ କରୁଛନ୍ତି। ସୂଚନାଯୋଗ୍ୟ ଯେ, ଆଲବମ୍‌ରୁ ଆସିଥିବା ରିଙ୍କି 'ରଙ୍ଗମହଲ'ରେ ଯୋଗଦେଇ ତାଙ୍କ ଯାତ୍ରା କ୍ୟାରିୟର ଆରମ୍ଭ କରିଥିଲେ। ଚଳିତବର୍ଷ ସେ ଅଭିନୟ କରିଥିବା ଅନ୍ୟ ନାଟକ ମଧ୍ୟରେ 'ଭାଇ ଭଉଣୀର ନୂଆ କାହାଣୀ', 'ଭଲପାଇ କିଏ ଭଲରେ ଅଛି' ଆଦି ଅନ୍ୟତମ।



# ଚିତ୍ରକର କଲା ବ୍ରେନ୍‌ଷ୍ଟ୍ରୋକ୍



ଷ୍ଟ୍ରୋକ୍‌କୁ ସମସ୍ତେ ଡରନ୍ତି। କାରଣ ଷ୍ଟ୍ରୋକ୍ ହେବା ପରେ ହୁଏତ ବଞ୍ଚିବା ସମ୍ଭବ ନୁହେଁ। ମାତ୍ର କେନ୍ ୱାଲଟର୍ସଙ୍କ ପାଇଁ ବ୍ରେନ୍‌ଷ୍ଟ୍ରୋକ୍ ଆଶୀର୍ବାଦ ସାବ୍ୟସ୍ତ ହୋଇଛି। ଘଟଣାଟି ଏହିପରି। କେନ୍ ୱାଲଟର୍ସଙ୍କୁ ୧୯ ବର୍ଷ ହୋଇଥିବା ବେଳେ ତାଙ୍କର ବ୍ରେନ୍‌ଷ୍ଟ୍ରୋକ୍ ହେଲା। ଷ୍ଟ୍ରୋକ୍ ଲାଗିବା ପରେ ସେ ପଢ଼ିପାରିଲେ ନାହିଁ। ଏମିତିରେ ପାଞ୍ଚ ଦଶବର୍ଷ ବିତିଗଲା। ହଠାତ୍ ଦିନେ ସେ ପେଣ୍ଟିଂ କରିବାକୁ ଲାଗିଲେ। ଆଗରୁ ନା ପେଣ୍ଟିଂ ଶିଖିଥିଲେ ନା ପେଣ୍ଟିଂ ପ୍ରତି ତାଙ୍କର ରୁଚି ଥିଲା। କିନ୍ତୁ ସେ ମନକୁ ମନ ଚିତ୍ର ଆଙ୍କିବାକୁ ଲାଗିଲେ। ସେ କମ୍ପ୍ୟୁଟରରେ ନୂଆ ନୂଆ ଡିଜାଇନ୍ କଲେ। ତାଙ୍କ ଡିଜିଟାଲ ଆର୍ଟଗୁଡ଼ିକୁ ଯିଏ ଦେଖିଲେ ପ୍ରଶଂସା କଲେ। ପରୀକ୍ଷାରୁ ଜଣାପଡ଼ିଥିଲା ଯେ, ଷ୍ଟ୍ରୋକ୍ ପରେ ତାଙ୍କ ମସ୍ତିଷ୍କରେ ସୁପ୍ତ ହୋଇ ରହିଥିବା ଚିତ୍ରକଳା ଦକ୍ଷତା ସକ୍ରିୟ ହୋଇଉଠିଥିଲା। ଫଳରେ ସେ ଜଣେ ସ୍ୱୟଂସମ୍ପନ୍ନ ଚିତ୍ରକର ବନି ଯାଇଥିଲେ।





ବ୍ୟାକ୍ ପେଜ୍

# ୩.୭୮ କୋଟିର ଲିପ୍ ଆର୍ଟ

ମେକ୍‌ଅପ୍ ହେବା ସବୁ ଝିଅଙ୍କୁ ଭଲ ଲାଗେ। ଧୀରେ ଧୀରେ ଏହି ମେକ୍‌ଅପ୍ ଆର୍ଟର ରୂପ ନେଇଗଲାଣି। ଠିକ୍ ଯେମିତି ନେଲ୍ ଆର୍ଟ, ହେୟାର ଷ୍ଟାଇଲ୍ ଆର୍ଟ, ଲିପ୍ ଆର୍ଟ ଆଦି। ଅଷ୍ଟ୍ରେଲିଆର ଜଣେ ଆର୍ଟିଷ୍ଟ ତ ଏହାକୁ ନେଇ ୱାର୍ଲଡ୍ ରେକର୍ଡ ବି କରିଛନ୍ତି। ରଜେନ୍ଦ୍ରାଫ୍ ଡାଇମଣ୍ଡ ଜ୍ୱେଲର୍ସ ଜଣେ ମଡେଲଙ୍କ ଓଠରେ ୩.୭୮ କୋଟିର ହୀରା ଲଗାଇ ସୁନ୍ଦର ଲିପ୍ ଆର୍ଟ କରିଥିଲେ। ଆଉ ତାହା ପୃଥିବୀର ସବୁଠୁ ଦାମୀ ଲିପ୍‌ଆର୍ଟ ଭାବେ ରେକର୍ଡ କଲା। ଉକ୍ତ ଲିପ୍ ଆର୍ଟରେ ୧୨୬ଟି ହୀରା ଲାଗିଥିଲା। ଆଉ ଓଠ ହୀରାର ଚମକ୍‌ରେ ଝଲସିଯାଉଥିଲା। ରଜେନ୍ଦ୍ରାଫ ଜଣେ ଭଲ ହୀରା ବ୍ୟବସାୟୀ ଭାବେ ପରିଚିତ। ତାଙ୍କର ୫୦ ତମ ଜନ୍ମ ଦିବସକୁ ଖାସ୍ କରିବା ପାଇଁ ଏହି ପ୍ରୟାସ୍ କରାଯାଇଥିଲା। ଆଉ ଏହାକୁ ବାସ୍ତବ ରୂପ ଦେଇଥିଲେ ମେକ୍‌ଅପ୍ ଆର୍ଟିଷ୍ଟ ଚାର୍ଲେ ମ୍ୟାକ୍। ଏଥିପାଇଁ ତାଙ୍କୁ ଲାଗିଥିଲା ପ୍ରାୟ ଅଢେଇ ଘଣ୍ଟା ସମୟ। ସେ ପ୍ରଥମେ ମଡେଲଙ୍କ ଓଠରେ କଳା ଲିପ୍‌ଷ୍ଟିକ୍ ଲଗାଇଥିଲେ। ଆଉ ତା’ ଉପରେ ୨୨.୯୨ କ୍ୟାରେଟ୍‌ର ୧୨୬ଟି ହୀରା ଲଗାଇ ସଜାଇଥିଲେ। ଏହି ହୀରା ସବୁକୁ ରଜେନ୍ଦ୍ରାଫ୍ ନିଜେ ଡିଜାଇନ୍ କରିଥିଲେ। ହୀରା ଖଚିତ ଓଠକୁ ଜଗିବା ପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା।

## ଘୋଡା ଶରୀର ସାଜିଲା କାନ୍‌ଭାସ୍

ଆଜିକାଲି ହେୟାର୍ ଡ୍ରେସର୍‌ମାନେ ବିଭିନ୍ନ ଅଜବ ଉପାୟରେ କେଶ କାଟୁଥିବା ଦେଖାଯାଉଛି। ତେବେ ମାଞ୍ଚେଷ୍ଟରର ଜଣେ ହେୟାର ଡ୍ରେସର୍‌ଙ୍କ କଥା ଟିକେ ନିଆରା। ସେ ମଣିଷଙ୍କର ନୁହେଁ ଘୋଡାଙ୍କ ଶରୀର ଲୋମକୁ ଶେଭ୍ କରି ସେମାନଙ୍କୁ ଦେଉଛନ୍ତି ନୂଆ ଲୁକ୍। ଏଥିରେ ତାଙ୍କୁ ମିଳୁଛି ଖୁସି। ମେଲୋଡି ହେମ୍ସ ନାମ୍ନୀ ଏହି ହେୟାର୍ ଡ୍ରେସର୍ ଘୋଡାଙ୍କ ଶରୀରକୁ କାନ୍‌ଭାସ୍ କରିଦେଇଛନ୍ତି। ଆଉ ତାକୁ ଶେଭିଂ କରି ସେ ପେଣ୍ଟିଂର ରୂପ ଦିଅନ୍ତି। ମାତ୍ର ୯ ବର୍ଷ ବୟସରୁ ସେ ଏହି କାମ ଆରମ୍ଭ କରିଥିଲେ। ଆଉ ଏବେ ଏହା ତାଙ୍କ ଫୁଲ୍ ଟାଇମ୍ ଜବ୍ ପାଲଟିଛି। ଆମେରିକାଠାରୁ ଆରମ୍ଭ କରି ଆୟର୍ଲାଣ୍ଡ ପର୍ଯ୍ୟନ୍ତ ତାଙ୍କ କଳା ପ୍ରସିଦ୍ଧି ହାସଲ୍ କରି ସାରିଲାଣି। କେବଳ ଶୀତଦିନେ ଯେବେ ଘୋଡାଙ୍କ ଲୋମ ଭଲଭାବେ ବଢେ ସେବେ ନୁହେଁ ବର୍ଷତମାମ ସେ ଏହି କାମ କରନ୍ତି। ସେ ଦିନକୁ ୫ଟି ଘୋଡାକୁ ଶେଭ୍ କରି ତାଙ୍କୁ ଚିତ୍ରିତ କରିପାରନ୍ତି। ଅଧିକ କାରୁକାର୍ଯ୍ୟଭରା କମ କରୁଥିଲେ ଅଧିକ ସମୟ ଲାଗିଥାଏ।

